


**ଭୁବନେଶ୍ୱର, ୨୦୨୫, ନଭେମ୍ବର ୦୯**

ନୂଆପଡ଼ା ନିର୍ବାଚନ ଘୋ ଘା । ଆଉ କିଛି ତଥାକଥିତ ରାଜନୈତିକ ତୁମ୍ବିତୋଫାନ ଭିତରେ ରାଜ୍ୟ ରାଜନୀତି ସହିତ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ଖବର ଗଣମାଧ୍ୟମର ଉହାଡ଼ରେ ରହିଯାଇଛି । ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିବା ପରେ ପ୍ରଗତିର ବନ୍ୟା କୁଆଡ଼େ ଚାରିଆଡ଼କୁ ପ୍ରଭାବିତ କରିଛି ବୋଲି କେହି କେହି କହୁଛନ୍ତି । ତେବେ ନିକଟରେ ସୁପ୍ରିମକୋର୍ଟର ଏକ ଘଟଣା ଆମେ ଏଠାରେ ଉଠାଇବାକୁ ଚାହୁଁଛୁ ସହୃଦୟ ପାଠକମାନଙ୍କ ପାଖରେ । ପ୍ରକାରାନ୍ତରେ କହିବା ପାଇଁ ଗଲେ ଏହା ହିଁ ବଡ଼ ବିଡ଼ମ୍ବନା ଯେ, ନବୀନ ସରକାରଙ୍କ ପାପ ବୋଝକୁ ମୋହନ ସରକାର ଏବେ ବି ମୁଣ୍ଡେଇ ଚାଲିଛନ୍ତି । ସେଥିପାଇଁ ସୁପ୍ରିମକୋର୍ଟରୁ ଭର୍ତ୍ସନା ଶୁଣିବାକୁ ମିଳିଲା । ଓଡ଼ିଶାର ପ୍ରାଣ ହେଉଛି ଖଣି । ଖଣିରୁ ହିଁ ଓଡ଼ିଶାର ସର୍ବାଧିକ ରାଜସ୍ୱ ଆସିଥାଏ । ସର୍ବଭାରତୀୟ ସ୍ତରରେ ଖଣି ରାଜସ୍ୱ କ୍ଷେତ୍ରରେ ଓଡ଼ିଶା ଆଗୁଆ । ତେବେ ଏହି ଖଣିକୁ ଲୁଟ କରି କୋଟପତି ହେବା ପାଇଁ ଆଗ୍ରହ ବେଶି । ମୋହନ ସରକାର ଏ ଦିଗରେ ସୁପ୍ରିମକୋର୍ଟଙ୍କ ଆଦେଶ ପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବେ ବୋଲି ଆଶା କରୁଛୁ ।

ଗତ ସପ୍ତାହରେ କୋଇଡ଼ାର ଜିଡିପିଆର ଖଣିରେ ଚଢ଼ାଉ କଲା ଇସ୍ପାତ ଓ ଖଣି ବିଭାଗ । ବେଆଇନ ଲୁହାପଥର ପରିହବନ ଅଭିଯୋଗ ଉପରେ ଥିଲା ଏହି ଚଢ଼ାଉ । ଏହା ପୂର୍ବରୁ ରାଜ୍ୟର ଅନେକ ଖଣିରେ ବେଆଇନ ଚଢ଼ଉ ହୋଇଛି ଏବଂ କ୍ଷତି ପୂରଣ ପାଇଁ ନିର୍ଦ୍ଦେଶ ମଧ୍ୟ ଦିଆହୋଇଛି ।

# ବିଶ୍ୱ ବିଜେତା ଭାରତୀୟ ମହିଳା


ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ଏଥିରେ କେହି ଦ୍ୱିମତ ହୋଇନପାରନ୍ତି ଯେ, ଆମ ଦେଶରେ କ୍ରିକେଟ ଏକ ପୁରୁଷ କୈନ୍ଦ୍ରିକ ଜେଂଟିଲ୍ମ୍ୟାନଙ୍କର କ୍ରୀଡା ଭାବେ ଦଶନ୍ଧି ଦଶନ୍ଧି ଧରି ନିରନ୍ତର ଭାବେ ରହିଆସିଛି । କେବଳ ଏତିକି ନୁହେଁ, ବିଶ୍ୱରେ କ୍ରିକେଟର ବୃହତମ ବଜାର ଭାବେ ଭାରତ ସ୍ୱତନ୍ତ୍ର ମର୍ଯ୍ୟାଦା ମାନ୍ୟତା ପ୍ରାପ୍ତ ହୋଇଛି । ଭାରତ ଦୁଇଥର ଦିନିକିଆ କ୍ରିକେଟରେ ବିଶ୍ୱ ବିଜୟୀ ହୋଇଥିବାବେଳେ ଦେଶରେ ଏହାର ପରିଚାଳନା ନିୟନ୍ତ୍ରଣାଧୀନ ରଖିଥିବା ଭାରତୀୟ କ୍ରିକେଟ କଂଟ୍ରୋଲ (ବୋର୍ଡ) ବିଶ୍ୱରେ ସବୁଠାରୁ ଧନୀ କ୍ରିକେଟ ବୋର୍ଡ ଭାବେ ପରିଚିତ । ଆହୁରି ମଧ ଭାରତ ଦୁଇଥର ଦିନିକିଆ କ୍ରିକେଟରେ ବିଶ୍ୱବିଜୟୀ ହୋଇଥିବାବେଳେ ଦେଶରେ ଏହାର ପରିଚାଳନା ନିୟନ୍ତ୍ରଣାଧୀନ ରଖିଥିବା ଭାରତୀୟ କ୍ରିକେଟ କଂଟ୍ରୋଲ(ବୋର୍ଡ) ବିଶ୍ୱରେ ସୁବଠାରୁ ଧନୀ କ୍ରିକେଟ ବୋର୍ଡ ଭାବେ ପରିଚିତ । ଆହୁରି ମଧ୍ୟ ଭାରତ ଦୁଇଥର ଏକ ଦିବସୀୟ କ୍ରିକେଟରେ ଭାରତ ବିଶ୍ୱ ବିଜେତାର ଗୌରବ ହାସଲ କରିବା ପରେ ଏହି କ୍ରୀଡା ଏବେ ସାରା ଦେଶରେ ବୃହତ ବଜାର ସୃଷ୍ଟି କରିବା ସହ ଏହି କ୍ରୀଡା ଶିଶୁଙ୍କ ଠାରୁ ଆରମ୍ଭ କରି ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ହୃଦୟରେ ଆଦର ଲାଭ କରିଛି । ବିଶ୍ୱକପ ହେଉ ବା ଭାରତ-ପାକିସ୍ତାନ ମ୍ୟାଚ ହେଉ, ସମସ୍ତେ କାମଧନ୍ଦା ବନ୍ଦ କରି ଖେଳରେ ମଜିଯିବା ଏବେ ଏକ ସାଧାରଣ ଘଟଣାରେ ପରିଣତ ହୋଇଯାଇଛି ବୋଲି କହିଲେ ଅତିରଂଜିତ ହେବ । ଆମେ ଏସବୁ ଏଠାରେ ଅବତାରଣା କରୁଛୁ । ଏଇଥିପାଇଁ ଯେ, ଗତ ରବିବାର ମଧ ରାତ୍ରରେ ଭାରତୀୟ ମହିଳା କ୍ରିକେଟର ବୀରଙ୍ଗନାମାନେ ମୁମ୍ବାଇର ଡିଓ୍ୱାଇ ପାଟିଲ ଷ୍ଟାଡିୟମରେ ମହିଳା ବିଶ୍ୱକପ କପ କ୍ରିକେଟରେ ଦୁର୍ଦ୍ଧର୍ଷ ଦକ୍ଷୀଣ ଆଫ୍ରିକାକୁ ପରାସ୍ତ କରି ବିଶ୍ୱ ବିଜେତାର ଗୌରବ ଦେଶ ପାଇଁ ଆଣିପାରିଲେ, ସେବେଠାରୁ ବୋଧହୁଏ କ୍ରିକେଟ ପୁରୁଷ ପ୍ରଧାନ ଜେଂଟିଲିମ୍ୟାନଙ୍କ କ୍ରୀଡାରେ ମହିଳା କ୍ରିକେଟ ଏବେ ଯୋଡି ହୋଇଯାଇଛି ବୋଲି କୁହାଯାଇପାରେ । କହିବା ବାହୁଲ୍ୟ ଯେ, ୧୯୮୩ ମସିହାରେ ଇଂଲଣ୍ଡର ଲର୍ଡସ ଷ୍ଟାଡିୟରେ ଦୁର୍ଦ୍ଧର୍ଷ ୱେଷ୍ଟଇଣ୍ଡିଜ ଦଳକୁ ହରାଇ କପିଳ ଦେବଙ୍କ ନେତୃତ୍ୱରେ ଭାରତ ଯେତେବେଳେ ଦିନିକିଆରେ ପ୍ରଥମ ବିଶ୍ୱକପ୍ ହାସଲ କରିଥିଲା, ସେତେବେଳେ ସମଗ୍ର ଦେଶ ଉସବ ମୁଖରିତ ହୋଇଥିଲା । ସେହିପରି ୨୦୧୧ ବିଶ୍ୱକପରେ ମହେନ୍ଦ୍ର ସିଂହ ଧୋନୀଙ୍କ ନେତୃତ୍ୱରେ ଭାରତ ଦ୍ୱିତୀୟ ଥର ପାଇଁ ବିଶ୍ୱ ବିଜେତା ହେଲା ପରେ ସମଗ୍ର ଦେଶରେ ଦୀପାବଳୀ ଉତ୍ସବର ମାହୋଲ ସୃଷ୍ଟି ହୋଇଥିଲା । ଏବେ ଗତ ରବିବାର ଦିନ ଭାରତୀୟ ମହିଳା ବୀରଙ୍ଗନାମାନେ ମହିଳା ବିଶ୍ୱକପର ଇତିହାସର ୫୨ ବର୍ଷ ପରେ ବିଶ୍ୱ ବିଜୟୀ ଘୋଷିତ ହେବା କ୍ଷଣି ସାରାଦେଶ ଉତ୍ସବ ମୁଖରିତ ହୋଇଯାଇଥିଲା । ବୀରଙ୍ଗାନାମାନଙ୍କୁ ଅଭିନନ୍ଦନର ସୁଅ ଛୁଟିଥିଲା । କେବଳ ଏତିକି ନୁହେଁ, ମହିଳା କ୍ରିକେଟିୟରମାନଙ୍କ ଅସୀମ ଧୈର୍ଯ୍ୟ, ଖେଳୁଆଡ ମନୋଭାବ ଓ କ୍ରୀଡାନୈପୁଣ୍ୟତାକୁ ଦେଶ ବିଦେଶର ଖ୍ୟାତନାମା କ୍ରୀକେଟିୟରମାନେ ଶତମୁଖ ହୋଇପଡିଥିଲେ କହିବା ବାହୁଲ୍ୟ ଯେ, ବିଶ୍ୱ କପର ତିନୋଟି ଲିଗ୍ ମ୍ୟାଚରେ ଲଗାତାର ପରାଜିତ ହୋବ ପରେ କ୍ରୀକେଟ ପ୍ରେମୀଙ୍କ ମଧ୍ୟର ନିରାଶା ଖେଳିଯାଇଥିଲା । କିନ୍ତୁ ଧୈର୍ଯ୍ୟ ନହରାଇ ମହିଳା ଟିମ୍ ଲଗାତାର ବିଜୟ ହାସଲ କରି ଯେତେବେଳେ ଫାଇନାଲରେ ପ୍ରବେଶ କରିଥିଲେ, ସେତେବେଳେ ଦେଶବ୍ୟାପୀ ଉତ୍କଣ୍ଠା ଲାଗି ରହିଥିଲା । ଭାରତୀୟ ବୀରଙ୍ଗନାମାନେ ବିଶ୍ୱକପ ବିଜୟୀ ହୋଇ ଇଂଲଣ୍ଡ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ସହ ବିଶ୍ୱବିଜୟୀ ତାଲିକାରେ ନିଜ ନାମକୁ ଯୋଡିବାରେ ସମର୍ଥ ହୋଇଛନ୍ତି । ଉଲ୍ଲେଖଯୋଗ୍ୟ ଯେ, ଅଷ୍ଟ୍ରେଲିଆ ୭ଥର ବିଶ୍ୱ ବିଜେତା ହୋଇଥିବାବେଳେ ଇଂଲଣ୍ଡ ଚାରିଥର ଏବଂ ନ୍ୟୁଜିଲାଣ୍ଡ ଥରେ ଏହି ସୌଭାଗ୍ୟ ଅର୍ଜନ କରିଛି । ଭାରତୀୟ ଟିମକୁ ଭାରତୀୟ କ୍ରିକେଟ କଂଟ୍ରୋଲ ବୋର୍ଡ(ବିସିସିଆଇ) ୫୧କୋଟି ଟଙ୍କାର ପୁରସ୍କାର ଘୋଷଣା କରିଥିବାବେଳେ ଟାଟା କମ୍ପାନୀ ବିଶ୍ୱବିଜେତା ଟିମ୍ ର ପ୍ରତ୍ୟେକ ଖେଳାଳୀଙ୍କୁ ଗୋଟିଏ ଲେଖାଁଏ ଟାଟା 'ସିଏରା ଏସୟୁଭି' କାର ଉପହାର ଦେବା ଲାଗି ଘୋଷଣା କରିଛି । ଆମ ଦେଶରେ ପୁରୁଷ-ମହିଳା ଲିଙ୍ଗଗତ ଭେଦଭାବ ଅତି ଉତ୍କଟ । ଏହାର ଜ୍ୱଳନ୍ତ ପ୍ରମାଣ ହେଉଛି, ୱାର୍ଲ୍ଡ ଇକୋନୋମିକ୍ ଫୋରମ ଦ୍ୱାରା ପ୍ରସ୍ତୁତ ଗ୍ଲୋବାଲ ଜେଣ୍ଡର ଗ୍ୟାପ ରିପୋର୍ଟ । ଯେଉଁ ରିପୋର୍ଟରେ ଲିଙ୍ଗଗତ ବିଦ୍ୱେଷ ଭାବରେ ବିଶ୍ୱର ୧୪୮ଟି ଦେଶ ମଧ୍ୟରେ ଭାରତ ଅତ୍ୟନ୍ତ ନିମ୍ନସ୍ତରରେ ତାଲିକାର ୧୩୧ତମ ସ୍ଥାନରେ ରହିଛି । ମହିଳା କ୍ରିକେଟକୁ ଉତ୍ସାହିତ କରିବା ପାଇଁ ଆମ ସମାଜ ଏବଂ ବିସିସିଆଇକୁ ଭେଦଭାବରୁ ମୁକ୍ତ ହେବାକୁ ହେବ, ଯେପରିକି ଅଧିକରୁ ଅଧିକ ଯୁବତୀ କ୍ରିକେଟ ପ୍ରତି ନିଜକୁ ସମର୍ପିତ କରିପାରିବେ । ହରପ୍ରିତ, ଜେମିମା ରୋଡ୍ରିଗସ, ଶେଫାଳୀ ବର୍ମା, ସ୍ମୃତି ମନ୍ଧାନା, ଦୀପ୍ତ ଶର୍ମାଙ୍କ ପରି କ୍ରିକେଟିୟମାନେ ଭାରତୀୟଙ୍କ ହୃଦୟରେ ସ୍ଥାନ ପାଇପାରିଛନ୍ତି, ଯେଉଁଭଳି ସ୍ଥାନ କପିଳ ଦେବ, ଗାଭାସ୍କର, ସଚିନ, ଧୋନୀ, କୋହଲି ପାଇଛନ୍ତି । ପୁରୁଷ-ମହିଳା ଖେଳାଳୀଙ୍କୁ ଉତ୍ସାହିତ କରାଗଲେ, ମହିଳା ଟିମ୍ର ଉଜ୍ଜ୍ୱଳ ଭବିଷ୍ୟତ ଆହୁରି ପ୍ରଜ୍ୱଳିତ ହେବ ଏଥିରେ ସନ୍ଦେହ ନାହିଁ ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ

# ଓଡ଼ିଶାର ଖଣିଜ ପାଣ୍ଠି ଓ ଅଂଟି ନିଆଁ


ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ

ସଂଯୋଗକୁ ସେହି ଦିନ ସୁପ୍ରିମକୋର୍ଟ ଖଣି ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କୁ କଡ଼ା ଭର୍ତ୍ସନା କଲେ । ସୁପ୍ରିମକୋର୍ଟ ଶୁଣାଣି ସହ କୋଇଡ଼ାରେ ଚଢ଼ାଉର କିଛି ସମ୍ପର୍କ ଅଛି କି ନାହିଁ ଜଣାନାହିଁ । କିନ୍ତୁ ଏକଥା ସ୍ପଷ୍ଟ ଭାବେ ଜଣାଅଛି ଯେ, ନବୀନ ସରକାର କରିଥିବା ପାପକୁ ମୋହନ ସରକାର ନିଜ କାନ୍ଧରେ ଏବେ ବି ବୋହି ଚାଲିଛନ୍ତି । ସେଥିପାଇଁ ସୁପ୍ରିମକୋର୍ଟଙ୍କ ଅସନ୍ତୋଷର ଶିକାର ହେବାକୁ ପଡ଼ିଲା ଓଡ଼ିଶାକୁ । ୨୦୧୭ରେ ସୁପ୍ରିମକୋର୍ଟ ୧୩୧ ଖଣି ମାଲିକଙ୍କ ବେଆଇନ ଖଣି କାର୍ଯ୍ୟ ଲାଗି ପାଖାପାଖି ୨୦ ହଜାର କୋଟି ଟଙ୍କା କ୍ଷତିପୂରଣ ଆଦାୟ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ଡିସେମ୍ବର ୩୧ ସୁଦ୍ଧା ଏହା ଆଦାୟ କରିବା ପାଇଁ ନିର୍ଦ୍ଦେଶ ଥିଲା । ସେହି ରାୟ ପରିପ୍ରେକ୍ଷୀରେ ଜିଲ୍ଲା ଖଣିଜ ପାଣ୍ଠି କଥା ଉଠିଥିଲା । ଜିଲ୍ଲାରେ ପାରିପାର୍ଶ୍ୱିକ ବିକାଶ ନିମନ୍ତେ ଡିଏମଏଫ ଗଠନ ପ୍ରକ୍ରିୟା ଆରମ୍ଭ ହେଲା । ଓଡ଼ିଶାରେ ଯେଉଁ ମେଗା ଖଣି ଦୁର୍ନୀତି ହୋଇଥିଲା ତାହାର ମୁଖ୍ୟ ପୃଷ୍ଠପୋଷକ ଥିଲେ ନବୀନ ସରକାର । ଏକଥା ଜଷ୍ଟିସ ଏମ ବି ଶାହା ତାଙ୍କ ରିପୋର୍ଟରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି । ଜଷ୍ଟିସ ଶାହା ଲେଖିଛନ୍ତି ଯେ, ଭାରତର ସବୁଠୁ ବଡ଼ ଖଣି ଦୁର୍ନୀତି ଓଡ଼ିଶାରେ ଘଟିଛି । ଦୁର୍ନୀତିର ପରିମାଣ ପ୍ରାୟ ୬୦ ହଜାର କୋଟି ଟଙ୍କା । ଏତେ ବଡ଼ ମେଗା ଦୁର୍ନୀତି ବିନା ସରକାରୀ ପୃଷ୍ଠପୋଷକତା ଏବଂ ବାବୁ ମାନଙ୍କ ସହାୟତାରେ କଦାପି ସମ୍ଭବ ହୋଇନଥାନ୍ତା । ଜଷ୍ଟିସ ଶାହା ଓଡ଼ିଶା ମେଗା ଖଣି ଦୁର୍ନୀତିର ସିବିଆଇ ତଦନ୍ତ ପାଇଁ କେନ୍ଦ୍ରକୁ ସୁପାରିଶ କରିଥିଲେ । ତେବେ ତଦନ୍ତ ରିପୋର୍ଟ ଇଚ୍ଛାକୃତ ଭାବେ ଶୀତଳ ଭଣ୍ଡାରରେ ପଡ଼ି ରହିଲା ନା ଏହାକୁ ପଡ଼ି ରହିବା ପାଇଁ କୌଣସି ପେଂ ବା ବ୍ୟବସ୍ଥା କରାଗଲା ତାହା ଅନେକଙ୍କ ପାଇଁ ଅଜଣା ରହିଗଲା ।

ଆରମ୍ଭରୁ ଖଣି ଦୁର୍ନୀତିର ସିବିଆଇ ତଦନ୍ତ ପ୍ରସ୍ତାବକୁ ନବୀନ ସରକାର ଓ ବିଜୁ ଜନତା ଦଳ ବିରୋଧ କରୁଥିଲା । ବିରୋଧ କରିବା ସ୍ୱାଭାବିକ ଥିଲା । କାରଣ ସରକାରଙ୍କ ପ୍ରୋତ୍ସାହନରେ ବାବୁମାନଙ୍କ ସହାୟତାରେ ଖଣି ଲୁଟ ଚାଲିଥିଲା । ସିବିଆଇ ତଦନ୍ତ ହୋଇଥିଲେ ସେହିମାନେ ହିଁ ବନ୍ଧା ହୋଇଥାନ୍ତେ । ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଦାଲତକୁ ଘୋଷଡ଼ା ହୋଇଥାନ୍ତେ । ଏଣୁ ନାନା ଫନ୍ଦିଫିକର କରାଗଲା । କିଛି ଆତ୍ମଘୋଷିତ ସାମାଜିକ କର୍ମୀ ଓ ରାଜ୍ୟ ସ୍ୱାର୍ଥବାଦୀ ଏନଜିଟିକୁ ଯାଇ ସିବିଆଇ ତଦନ୍ତ ଦାବିକୁ ଦୁର୍ବଳ କରିବାକୁ ଲାଗିଥିଲେ । ଶେଷରେ ମୋଦୀ ସରକାର ସିବିଆଇ ତଦନ୍ତ ଆଦେଶ ଦେଲେ ନାହିଁ । କାରଣ ମୋଦୀଙ୍କୁ ଭଲ ଭାବେ ଜଣାଥିବ । ସେ ଯେଉଁ ଅଜଣା 'କାରଣ' ଅନେକଙ୍କୁ ଜଣା ଥିଲେ ମଧ୍ୟ ଆମେ ଏଠାରେ ଉଲ୍ଲେଖ କରିବା ପାଇଁ ଚାହୁଁନୁ । ଖାଲି ଗୋଟିଏ ସ୍ୱଷ୍ଟକଥା ବିଜେଡ଼ି-ବିଜେପି ଭିତରେ ଏକ ପ୍ରକାର ମିଳିଭଗତ ଯୋଡ଼ି ରହିଥିଲା । ଯାହା ଏଯାବତ୍ ବି ରହିଛି କହିଲେ ଅତ୍ୟୁକ୍ତି ହେବନାହିଁ । ଏଣେ ସୁପ୍ରିମକୋର୍ଟ ୨୦୧୭ ମସିହାରେ ଖିଲାପକାରୀ ଖଣି ମାଲିକଙ୍କୁ ଏକ ପ୍ରକାର ରକ୍ଷା କରିଦେଲେ ଓ ପ୍ରାୟ ୨୦ ହଜାର କୋଟି ଟଙ୍କାର କ୍ଷତିପୂରଣ ଆଦାୟ କରିବା ପାଇଁ ଆଦେଶ ଦେଲେ । ରାଜ୍ୟକୁ ଲୁଟିଥିବା ଖଣି ମାଲିକମାନେ ଜେଲ ଯିବାରୁ ବର୍ତିଗଲେ । ରାଜ୍ୟ ସରକାର ସିବିଆଇ ତଦନ୍ତ ଦାବିକୁ ଭଣ୍ଡୁର କରିବା ପାଇଁ ୨୭ଟି କମ୍ପାନୀ ଉପରେ ୫୮ ହଜାର କୋଟି ଟଙ୍କା ଜରିମାନା ଲଗାଇଥିଲେ । କିନ୍ତୁ ଏମିତି ବ୍ୟବସ୍ଥା ନବୀନ ସରକାର କରିଥିଲେ ଯେ, ଅଧିକାଂଶ ସଂସ୍ଥା ଜରିମାନା ଦେଲେ ନାହିଁ । ସୁପ୍ରିମକୋର୍ଟକୁ ଗଲେ । ସୁପ୍ରିମକୋର୍ଟଙ୍କ ରିହାତି ସତ୍ୱେ ଆହୁରି ୨୭୦୦ କୋଟି ଟଙ୍କା ଆଦାୟ ହୋଇପାରିଲା ନାହିଁ । ସିଏଜି ତାଙ୍କ ରିପୋର୍ଟରେ ସୁଧ ସହ ପ୍ରାୟ ୪ ହଜାର କୋଟି ଟଙ୍କା ଅନାଦେୟ ପଡ଼ିଛି ବୋଲି ରିପୋର୍ଟ ଉଲ୍ଲେଖ କରିଛନ୍ତି ।

ବିଡ଼ମ୍ବନା ଯେ, ନବୀନ ସରକାରଙ୍କ ପାପ ବୋଝକୁ ମୋହନ ସରକାର ଏବେ ବି ମୁଣ୍ଡେଇ ଚାଲିଛନ୍ତି । ସେଥିପାଇଁ ସୁପ୍ରିମକୋର୍ଟରୁ ଭର୍ତ୍ସନା ଶୁଣିବାକୁ ମିଳିଲା । ଓଡ଼ିଶାର ପ୍ରାଣ ହେଉଛି ଖଣି । ଖଣି ଲୁଟ କରି କୋଟପତି ହେବା ପାଇଁ ଆଗ୍ରହ ବେଶି । ମୋହନ ସରକାର ଏ ଦିଗରେ ସୁପ୍ରିମକୋର୍ଟଙ୍କ ଆଦେଶ ପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବେ ବୋଲି ଆଶା କରୁଛୁ । ତଥାକଥିତ ଡବଲ ଇଞ୍ଜିନ ସରକାରର ନେତୃତ୍ୱ ନେଉଥିବା ମୋହନ ସରକାର ଯଦି ଭାବୁଥିବେ ସବୁ ଓଡ଼ିଆ ଲୋକ ଅନ୍ଧ - ମୁକ ଓ ବଧିର ତାହା ଭାବିବା ଭୁଲ । ଓଡ଼ିଶାର ବିକାଶରେ ଖଣି ରାଜସ୍ୱ ସିଂହଭାଗ ଦାୟିତ୍ୱ ନିର୍ବାହ କରିଥାଏ । ତେଣୁ ଏ କ୍ଷେତ୍ରରେ ନିର୍ବାଚନ ପୂର୍ବରୁ ଭାଷଣ ମାରିଥିବା ଓଡ଼ିଶାର ବିଜେପି ସରକାର ଅନ୍ତତଃ ନ୍ୟାୟାଳୟର ବିଧି ବ୍ୟବସ୍ଥାକୁ ସମ୍ମାନ ଦିଅନ୍ତୁ ଏବଂ ବିରୋଧୀଙ୍କ ପାପର ନିଆଁ ନିଜ ଅଂଟିରେ ନପୁରାନ୍ତୁ । ଓଡ଼ିଆରେ ଏକ କଥା ଅଛି - 'ଅଂଟି ନିଆଁ ସବୁକିଛି ଧ୍ୱଂସ କରେ' ।

*ବିଭବ, ଆଚାର୍ଯ୍ୟ କଲୋନୀ,*
*ବାଲିଗୁଡ଼ା, କନ୍ଧମାଳ*

# ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଓ 'ଜାଗୃତି ମହାମଙ୍ଗଳ ଯଜ୍ଞ'

ଯୁଗପୁରୁଷୋତ୍ତମ ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କର ଅମିୟ ବାର୍ତା - 'ଗୁରୁଭକ୍ତିରୁ ହିଁ ମଣିଷ ମଙ୍ଗଳର ଅଧିକାରୀ ହୁଏ । ଏହି ଗୁରୁଙ୍କୁ ହିଁ ଇଷ୍ଟ କହନ୍ତି - ଇଷ୍ଟ ମାନେ ମଙ୍ଗଳ, ଅର୍ଥାତ୍ ସଦ୍ଗୁରୁଙ୍କୁ ଅନୁସରଣ କଲେ ହିଁ ମଣିଷର ମଙ୍ଗଳ ଆସେ ।' ପୁଣି ସେ ମହାଭାବାବସ୍ଥାରେ ପୁଣ୍ୟ-ପୋଥି ଗ୍ରନ୍ଥ ମାଧ୍ୟମରେ କହିଛନ୍ତି - 'ସତସଙ୍ଗ ପ୍ରାଣର ଜିନିଷ, ଯେ କୌଣସି ସମ୍ପ୍ରଦାୟ ହିଁ ହେଉ ନା କାହିଁକି, ସେ ଯଦି ସତ୍ ହୁଏ, ତେବେ ତାକୁ ପ୍ରାଣ ଦେଇ ଭଲ ପାଇବୁ । ମର ଜଗତରେ ଯଦି କେହି ଆତ୍ମୀୟ ଥାଏ ତ ସେହି ମାନେ ହିଁ ।' ଏତଦବ୍ୟତୀତ ସତସଙ୍ଗୀର ବ୍ୟାଖ୍ୟା କରିବାକୁ ଯାଇ ଜୀବନ ବୃଦ୍ଧିର ପରମ ଉଦ୍ଗାତା ଦୟାଲ ଠାକୁର କହିଛନ୍ତି - 'ଯେଉଁମାନେ ଜୀବନ ଓ ବୃଦ୍ଧିକୁ ଭଲ ପାଆନ୍ତି ପ୍ରକୃତ ପ୍ରସ୍ତାବରେ ସେହିମାନେ ହିଁ ସତସଙ୍ଗୀ' । ପ୍ରତିଟି ଜୀବସତାର ମଙ୍ଗଳ କାରୁଣିକ ଭଗବାନ ଶ୍ରୀ ଶ୍ରୀ ଠାକୁରଙ୍କର ଆଶା ଥିଲା ଓ ସେ କହିଛନ୍ତି - 'ଶିଷ୍ୟ ଓ ସନ୍ତାନ - ବଡ଼ ଖୋକା ହିଁ ହେଉ, ମଣି ହିଁ ହେଉ ବା କାଜଲ ହିଁ ହେଉ ବା ଆପଣମାନେ ହିଁ ହୁଅନ୍ତୁ - ଆପଣମାନଙ୍କ ପ୍ରତ୍ୟେକଙ୍କ ପାଖରୁ ମୁଁ ଆଶାକରେ ଯେ ଆପଣମାନେ ନିଜ ନିଜର ଜୀବନ ଓ ଚରିତ୍ରରେ ମୋତେ ବହନ କରି ନେଇ ଚାଲିବେ ଏବଂ ଅନ୍ୟ ପାଖରେ ମଧ ମୋତେ ପହଂଚାଇ ଦେବେ ଅବିକୃତ ଭାବରେ, ଅବଶ୍ୟ ପ୍ରତ୍ୟେକେ ନିଜ ନିଜର ବୈଶିଷ୍ଟ୍ୟ ଅନୁଯାୟୀ । ଆଉ, ମୋତେ ବହନ କରିବା ବା ପହଂଚାଇ ଦେବା ମାନେ ମୋର ମିଶନ (ଆଦର୍ଶ ଓ ଉଦ୍ଦେଶ୍ୟ)କୁ ବହନ କରିବା ଓ ପହଂଚାଇ ଦେବା, ପୁଣି ମୋର ମିଶନ (ଆଦର୍ଶ ଓ ଉଦ୍ଦେଶ୍ୟ)ମାନେ ସମସ୍ତଙ୍କର ମିଶନ (ଆଦର୍ଶ ଓ ଉଦ୍ଦେଶ୍ୟ) । ଜୀବନୀୟ ପ୍ରତିଟି ଯାହାକିଛିର ଇଷ୍ଟାନୁଗ ସତାସମ୍ବର୍ଦ୍ଧନା ହିଁ ମୋର ମିଶନ (ଆଦର୍ଶ ଓ ଉଦ୍ଦେଶ୍ୟ) । ଯୁଗାଚାର୍ଯ୍ୟ ଶ୍ରୀ ଶ୍ରୀ ଠାକୁରଙ୍କର ଏହି ଅମୋଘ ଇଚ୍ଛାକୁ ବାସ୍ତବାୟିତ କରିବା ଉଦ୍ଦେଶ୍ୟରେ ପ୍ରିୟପରମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଚର୍ଯ୍ୟାଶ୍ରମ, ବିବେକ-ବିତାନ, ଦେଓଘର, ଝାଡ଼ଖଣ୍ଡର ପ୍ରତ୍ୟକ୍ଷ ତତ୍ୱାବଧାନରେ ଶାଖାକେନ୍ଦ୍ର ଜଳେଶ୍ୱର ଚର୍ଯ୍ୟାଶ୍ରମ ଆନୁକୂଲ୍ୟରେ ଆଗାମୀ ୭,୮,୯ ନଭେମ୍ବର ୨୦୨୫ (ଶୁକ୍ରବାର, ଶନିବାର, ରବିବାର) - ତିନିଦିନ ବ୍ୟାପି 'ଜାଗୃତି ମହାମଙ୍ଗଳ ଯଜ୍ଞ' ନନ୍ଦିକା ବାଇପାସ, ଜାତୀୟ ରାଜପଥ ୧୬, ଜଳେଶ୍ୱର-ପଶ୍ଚିମବାଡ଼ ରୋଡ଼, ଜଳେଶ୍ୱର, ବାଲେଶ୍ୱର ଅନୁଷ୍ଠିତ ହେବାକୁ ଯାଉଅଛି । ଏହି କାର୍ଯ୍ୟକ୍ରମରେ ରହିଛି ବିଶ୍ୱଶାନ୍ତି ହୋମ ଯଜ୍ଞ, ଆହ୍ୱାନୀ ସହିତ ସମବେତ ପ୍ରାର୍ଥନା, ସଂକୀର୍ତନ ସହ ନଗର ପରିକ୍ରମା, ବେଦମାଙ୍ଗଳିକ, ଭାଗବତ ପାଠ, ଶ୍ରୀମଦ୍ ଭଗବତଗୀତା ପାଠ, ତଥା ସମସ୍ତ ପୂର୍ବବର୍ତୀ ପ୍ରେରିତଗଣଙ୍କର ଧର୍ମ ଗ୍ରନ୍ଥ ପାଠ ଓ ଆଲୋଚନା, ରକ୍ତଦାନ ଶିବିର, ଶ୍ରେୟସମ୍ବର୍ଦ୍ଧନା, ପିଲାମାନଙ୍କୁ ନେଇ ବକ୍ତୃତା, ସଙ୍ଗୀତ ଓ କୁଇଜ ପ୍ରତିଯୋଗୀତା, ଶ୍ରୀ ଶ୍ରୀ ଠାକୁରଙ୍କ ଭାବଧାରା ଉପରେ ଆଧାରିତ ନାଟକ ପରିବେଷଣ, ମାତୃ ସମ୍ମିଳନୀ ଓ ସତସଙ୍ଗ ସାଧାରଣ ଅଧିବେଶନ । ଏହି ମହାମଙ୍ଗଳ ଯଜ୍ଞରେ ବହୁ ଗଣ୍ୟମାନ୍ୟ, ଜ୍ଞାନୀ ଗୁଣୀ ଓ ଈଶ୍ୱରପ୍ରେମୀ ବ୍ୟକ୍ତିଙ୍କର ଉପସ୍ଥିତି ସହିତ ସେହି ପ୍ରିୟପରମ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ପୌତ୍ର ପୂଜ୍ୟପାଦ ଶ୍ରୀଯୁକ୍ତ ବିଦ୍ୟୁତରଞ୍ଜନ ଚକ୍ରବର୍ତୀ, ପୂଜ୍ୟପାଦ ଡ. ବୁଦ୍ଧଦେବ ଚକ୍ରବର୍ତୀ, ପୂଜ୍ୟପାଦ ଶ୍ରୀଯୁକ୍ତ ବିନାୟକ ଚକ୍ରବର୍ତୀ, ପ୍ରପୌତ୍ର ପୂଜନୀୟ ଶ୍ରୀଯୁକ୍ତ ବୌଧାୟନ ଚକ୍ରବର୍ତୀ ଓ ପୂଜନୀୟ ବାଲାର୍କ ଚକ୍ରବର୍ତୀ ଉପସ୍ଥିତ ରହିବାର ସହର୍ଷ ସମ୍ମତି ପ୍ରଦାନ କରିଛନ୍ତି । ଏଥି ସହିତ ଓଡ଼ିଶା, ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଦିଲ୍ଲୀ, ମୁମ୍ବାଇ ଇତ୍ୟାଦି ବିଭିନ୍ନ ସ୍ଥାନରୁ ବହୁ ବିଶିଷ୍ଟ ସତସଙ୍ଗୀମାନେ ଉପସ୍ଥିତ ରହିବାର ସମ୍ମତି ପ୍ରଦାନ କରିଛନ୍ତି । ଏଣୁ ସବିନୟ ଅନୁରୋଧ - ହେ ଅମୃତର ସନ୍ତାନ! ଆସନ୍ତୁ, ଏହି ମହନୀୟ ପୂତ-ପରିମଣ୍ଡଳରେ ସପରିବାର ତଥା ସବାନ୍ଧବ ପ୍ରିୟପରିଜନଙ୍କ ସହିତ ସମବେତ ହୋଇ ଇଷ୍ଟୋଦ୍ଦୀପକ ଭାବଧାରାରେ ନିଜକୁ ବ୍ୟାପୃତ କରିବା ସହିତ ଇଷ୍ଟ ପ୍ରେରଣାଉଦ୍ଦୀପ୍ତ ଅନୁଷ୍ଠାନକୁ ସରସ ସୁନ୍ଦର କରି ତୋଳିବା ପାଇଁ ଦୃଢ଼ ସଂକଳ୍ପବଦ୍ଧ ହେବାପାଇଁ ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ର ଚର୍ଯ୍ୟାଶ୍ରମ ଜଳେଶ୍ୱର ଶାଖାକେନ୍ଦ୍ରର କର୍ମୀବୃନ୍ଦ ନିବେଦନ ରଖିଛନ୍ତି । କଳିଯୁଗରେ କଲ୍କୀ ଅବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସତ୍ସଙ୍ଗୀ ଜନସମାଜଙ୍କୁ ସାବଧାନ ବାଣୀ ଶୁଣାଇ କହିଲେ - ସଦ୍ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍ନାମ ମନନ କର, ଆଉ ସତ୍ସଙ୍ଗର ଆଶ୍ରୟ ଗ୍ରହଣ କର - ମୁଁ ନିଶ୍ଚୟ କହୁଛି ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବନାହିଁ । ଯଦି ତୁମର ଆଦର୍ଶର କଥା କହିଲେ ଆନନ୍ଦ, ଶୁଣିଲେ ଆନନ୍ଦ, ତାଙ୍କର ଚିନ୍ତାରେ ଆନନ୍ଦ, ତାଙ୍କ ହୁକୁମ ପାଇଲେ ଆନନ୍ଦ, ତାଙ୍କ ଆଦରରେ ଆନନ୍ଦ, ଅନାଦରରେ ମଧ୍ୟ ଆନନ୍ଦ ହୁଏ, ତାଙ୍କ ନାମରେ ହୃଦୟ ଉଚ୍ଛୁଳି ଉଠେ - ମୁଁ ନିଶ୍ଚୟ କହୁଛି ତୁମର ଉନ୍ନୟନ ପାଇଁ ଆଉ ଭାବିବାକୁ ହେବନାହିଁ ।


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

*ପ୍ରତିରଦ୍ଧିକ ଓ ପୂର୍ବତନ ବିଭାଗୀୟ ମୁଖ୍ୟ,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର*
*ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ବ୍ୟାଙ୍କିଙ୍ଗ୍ ନିୟମର ପରିବର୍ତନ ଓ ଜମାକାରୀଙ୍କ ସୁରକ୍ଷା

ପ୍ରତ୍ୟେକ ବ୍ୟକ୍ତି ନିଜ ଜୀବନକାଳରେ ନିଜ ଭବିଷ୍ୟତ ଓ ନିଜ ପରିବାରର ସୁରକ୍ଷା ପାଇଁ ବ୍ୟାଙ୍କ, ଡାକଘର,ସମବାୟ,ଗ୍ରାମୀଣ ଓ ଅନ୍ୟାନ୍ୟ ବ୍ୟାଙ୍କରେ ନିଜର କଷ୍ଟାର୍ଜିତ ଧନ ସଂଚୟ କରିଥାନ୍ତି,ଯାହା ସେମାନଙ୍କର ନିଜ ତଥା ନିଜ ପିଲାମାନଙ୍କର ଭବିଷ୍ୟତ ସୁରକ୍ଷାର ଏକ ଗ୍ୟାରେଂଟି ହୋଇଥାଏ । ସେଥିପାଇଁ ପ୍ରତ୍ୟେକଜମାକାରୀ ତାଙ୍କର ଜମାଖାତା ବା ଲକର ଆଦିରେ ନିଜର ଜଣେ ନୋମିନୀଙ୍କ ନାମ ରଖିଥାଆନ୍ତି । ଯଦି ଜମାକାରୀଙ୍କ ଆକସ୍ମିକ ବା ସ୍ୱାଭାବିକ ମୃତ୍ୟୁ ହୁଏ ତେବେ ଜମାଟଙ୍କାର ଅଧିକାରୀ ନୋମିନୀ ହୋଇପାରିବେ ଓ ନୋମିନୀ ଜମାକାରୀଙ୍କ ଅନ୍ତେ ଜମା ଅର୍ଥକୁ ବ୍ୟାଙ୍କରୁ ବା ଲକରରେ ଥିବା ସମ୍ପତି ବା ଅନ୍ୟାନ୍ୟ ଗଚ୍ଛିତ ଦ୍ରବ୍ୟକୁ ନିଜ ଅଧିନକୁ ଆଣି ପାରିବେ । ମାତ୍ର ଯଦି ନୋମିନୀ ଓ ଜମାକାରୀ ଉଭୟଙ୍କର କୌଣସି ଦୁର୍ଘଟଣାରେ ମୃତ୍ୟୁ ହୋଇଯାଏ ତେବେ ସେ କ୍ଷେତ୍ରରେ ଜମା ଅର୍ଥକୁ ଦାବି କରିବାକୁ ଅନେକ ଦାବିଦାର ଉପସ୍ଥିତ ହୁଅନ୍ତି ,କିନ୍ତୁ ବ୍ୟାଙ୍କରେ ରହିଥିବା ଅର୍ଥ ବା ଦ୍ରବ୍ୟକୁ ସହଜରେ ନେଇ ପାରନ୍ତି ନାହିଁ ,ଯାହାର ପରିଣାମ ସ୍ୱରୂପ ୨୦୨୫ମସିହା ମାର୍ଚ୍ଚ ୨୪ ତାରିଖ ଦିନର ତଥ୍ୟ ହିସାବରେ ଭାରତର ରିଜର୍ଭ ବ୍ୟାଙ୍କରେ ଏପରି ଅଣ ଉଠାଣ ଅର୍ଥର ପରିମାଣ ପ୍ରାୟ ୭୮୦୦୦ କୋଟି ଟଙ୍କାରୁ ଅଧିକ ଟଙ୍କା ପଡିରହିଛି ଏବଂ ଯାହା ବଢ଼ି ବଢ଼ି ଚାଲିଛି । ଏହି ଅସୁବିଧାକୁ ସୁଧାରିବାକୁ ଯାଇ ଭାରତ ସରକାର ଓ ଭାରତୀୟ ରିଜର୍ଭ ବ୍ୟାଙ୍କ ଜମାକାରୀ ନିୟମରେ ଉଲ୍ଲେଖନୀୟ ପରିବର୍ତନ କରିଛନ୍ତି । ବ୍ୟାଙ୍କର ପୂର୍ବ ଆଇନ ବ୍ୟବସ୍ଥା ମାଧ୍ୟମରେ ସାଧାରଣତଃ ଜମାକାରୀ କେବଳ ଜଣେ ବ୍ୟକ୍ତିଙ୍କୁ ନିଜ ସଂଚୟ ବା ଲକର ଚାଳନ ପାଇଁ ନୋମିନୀ ଭାବରେ ବାଛି ପାରୁଥିଲେ ।ଯେତେବେଳେ ଜମାକାରୀମାନେ ଏକାଧିକ ବ୍ୟାଙ୍କ ନୋମିନୀରଖିବାକୁ ଚାହୁଁଥିଲେ ସେତେବେଳେ ବ୍ୟାଙ୍କ ଏହି ବ୍ୟବସ୍ଥାକୁ ସୀମିତ କରିଥିଲା । ଏହି ଅସୁବିଧାକୁ ଲାଘବ କରିବାକୁ ଯାଇ ଭାରତ ସରକାର ଓ ଭାରତୀୟ ରିଜର୍ଭ ବ୍ୟାଙ୍କନିୟମରେ ସଂଶୋଧନ କରିଛନ୍ତି । ଯାହାଫଳରେ ଜଣେ ଜମାକାରୀ ନିଜ ଗଚ୍ଛିତ ଧନର ଭବିଷ୍ୟତ ପରିଚ୍ଚାଳନା ପାଇଁ ଚାରି ଜଣ ବ୍ୟକ୍ତିଙ୍କୁ ବ୍ୟାଙ୍କ ନୋମିନୀ ହିସାବରେ ନେଇପାରିବେ ।ଏହା ଜମାକାରୀଙ୍କ ମୃତ୍ୟୁ ପରେ ସମ୍ଭାବ୍ୟ ବିବାଦକୁ ହ୍ରାସ କରିବା ସହିତଉତରାଧିକାର ବିଷୟରେ ସ୍ୱଷ୍ଟ ନିୟମ ସୃଷ୍ଟିକରି ଅସ୍ୱଷ୍ଟତାକୁ ହ୍ରାସ କରିଅଛି । ପୂର୍ବରୁ, ଜମା ଆକାଉଂଟ, ଲକର ଏବଂ ସୁରକ୍ଷିତ ଦ୍ରବ୍ୟ ପାଇଁ ନିୟମ କିଛିଟା ଭିନ୍ନ କିମ୍ବା ସୀମିତ ଥିଲା ମାତ୍ର ଏବେ ଜଣେ ଜମାକାରୀ ଏକ ସଙ୍ଗେ ଚାରିଜଣ ବ୍ୟକ୍ତିଙ୍କୁ ବ୍ୟାଙ୍କ ନୋମିନୀ ଭାବରେ କ୍ରମାନ୍ୱୟରେ ରଖିପାରିବେ । ପ୍ରଥମ ନୋମିନୀଙ୍କ ମୃତ୍ୟୁ ପରେ ଦ୍ୱିତୀୟ ,ତା'ପରେ ତୃତୀୟ ଓ ପରେ ଚତୁର୍ଥ ନୋମିନୀ ସେ ଅର୍ଥକୁ ଉଠାଇ ପାରିବେ ବା ଲକରର ପରିଚାଳନା କରିପାରିବେତତସହିତ ଏକାଧିକ ନୋମିନୀଙ୍କ ମଧ୍ୟରେ ଅଂଶ ବା ପ୍ରତିଶତ ନିର୍ଦ୍ଦିଷ୍ଟକରଣକୁ ମଧ୍ୟ ଅନୁମତି ଦେବା ଦ୍ୱାରା କେଉଁ ନୋମିନୀ କେତେ ପରିମାଣରେ ଜମାଧନର ଅଧିକାରୀ ହୋଇପାରିବେ ସେ ବିଷୟରେ ମଧ୍ୟ ଜମାକାରୀ ନିଜର ସ୍ୱଷ୍ଟ ମତ ରଖିପାରିବେ ଓ ପ୍ରତ୍ୟେକ ଜମାକାରୀ କିପରି ନିଜର ନୋମିନୀମାନଙ୍କୁ ସେମାନଙ୍କର ଅଧିକାର ବିଷୟରେ ପୂର୍ବରୁ ସ୍ଥିର କରି ଭବିଷ୍ୟତ ବିବାଦରୁ ଦୂରେଇ ରଖିବେ ସେ ବିଷୟରେ ସ୍ୱଷ୍ଟ ନିୟମ ସୃଷ୍ଟି କରିଛନ୍ତି । କେଉଁ ନୋମିନୀ କେବେ ସେ ଜମାଧାନ ପାଇପାରିବ ତାହା ସ୍ୱଷ୍ଟ ଭାବରେ ଉଲ୍ଲେଖ ରହିବ । ନୋମିନୀ ହିସାବରେ ପ୍ରଥମ ମନୋନୀତ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଲେ କ୍ରମ ଅନୁସାରେ ନୋମିନୀ ବ୍ୟବସ୍ଥା ଏକ ସ୍ୱଷ୍ଟ ପ୍ରାଥମିକତା କ୍ରମ ପ୍ରଦାନ କରିଛି ଯାହା ବିଭିନ୍ନ ଆର୍ଥିକ ମାମଲାର ସମାଧାନରେ ସହାୟକ ହେବ । ଏହି ପରିବର୍ତନଗୁଡ଼ିକ ଆଧୁନିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ଆବଶ୍ୟକତା ଏବଂ ଗ୍ରାହକଙ୍କ ଆଶା ସହିତ ଆଇନକୁ ସରଳ କରିଛି । ବ୍ୟାଙ୍କଗୁଡ଼ିକ ବର୍ତମାନ ଏକାଧିକ ନୋମିନୀ, କ୍ରମିକ ନୋମିନୀ ଏବଂ ସୁରକ୍ଷିତ ଜମା ,ଲକର ଓ ଦ୍ରବ୍ୟ ଉପରେ ସ୍ୱଷ୍ଟ ନିୟମ ପାଇଁ ବୈଧାନିକ ଅଧିକାର ମଧ୍ୟ ପାଇଛନ୍ତି । ଏହା ଆଭ୍ୟନ୍ତରୀଣ ପ୍ରକ୍ରିୟାଗୁଡ଼ିକୁ ମାନକୀକରଣ କରିବାରେ ସାହାଯ୍ୟ କରିଛି । ବ୍ୟାଙ୍କିଙ୍ଗ୍ ଆଇନ ୧୯୪୯ର ଧାରା୧୦,୧୧ ,୧୨ ଓ ୧୩ ର ପରିବର୍ତନ ଅନୁସାରେ ଯଥାକ୍ରମେ ଧାରା ୪୫ଯ(କ),ଧାରା ୪୫ଯ(ଗ),ଧାରା ୪୫ଯ(ଙ) , ଧାରା ୪୫ଯ(ଛ) ଭଳି ନୂତନ ଧାରାଗୁଡ଼ିକୁ ସଂଶୋଧନକରାଯାଇ ୨୦୨୫ମସିହା ନଭେମ୍ବର୧ ତାରିଖରୁ ପ୍ରତ୍ୟେକ ବ୍ୟାଙ୍କରେ କାର୍ଯ୍ୟକାରୀ ହେବ,ତେଣୁ ପ୍ରତ୍ୟେକଭାରତୀୟ ନାଗରିକ ଏହି ଆଇନର ସହାୟତା ନେଲେ ନିଜର ଇଚ୍ଛା ଅନୁସାରେ ନିଜର କଷ୍ଟାର୍ଜିତ ସପତିକୁ ସୁରକ୍ଷିତ ଓ ଭବିଷ୍ୟତ ସୁବଂଟନ ସହାୟକ ହୋଇପାରିବ । ଭାରତର ପ୍ରତ୍ୟେକ ଜାତୀୟକରଣ ବ୍ୟାଙ୍କ,ପୋଷ୍ଟାଲ ବ୍ୟାଙ୍କ ,ଗ୍ରାମ୍ୟ ବ୍ୟାଙ୍କ ,ସମବାୟ ବ୍ୟାଙ୍କ ତଥା ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଯେ କୌଣସି ବ୍ୟାଙ୍କ ଏହି ନିୟମ ପାଳନ କରିବାକୁ ବାଧ୍ୟ ଅଟନ୍ତି ଛତେଣୁ ନିଜର ଜମା ,ଲକର ଓ ଦ୍ରବ୍ୟ ଗୁଡିକର ସୁରକ୍ଷା ଦୃଷ୍ଟିରୁ ନିଜର ମନ ମୁତାବକଜଣେରୁ ଅଧିକ ନୋମିନୀ କ୍ରମାନ୍ୱୟରେ ରଖି ଭାରତର ଜନସାଧାରଣ ନିଜ ଭବିଷ୍ୟତଧନକୁ ସୁରକ୍ଷିତ ଓ ସୁବଂଟନ କରିପାରିବେ ।


ଡ.ବିମଳ ଷଡଙ୍ଗୀ

*ଭୁବନେଶ୍ୱର*

# ପିଲାଙ୍କ ଶିକ୍ଷା ଓ ବିକଶିତ ବୁଦ୍ଧିମତା


ଡକ୍ଟର ସୁରେଶ କୁମାର ନାୟକ

ଦିନକୁ ଦିନ ପିଲାମାନଙ୍କ ପାଇଁ ପାଠପଢ଼ା ସହ ବ୍ୟବହାରିକ ଜ୍ଞାନରେ ଦକ୍ଷତା ରଖିବା ଓ ପ୍ରତିଦ୍ୱନ୍ଦ୍ୱିତାମୂଳକ ସମୟରେ ପାଠର ଆହ୍ୱାନକୁ ଯଥାର୍ଥରେ ମୁକାବିଲା କରିବାରେ ବୁଦ୍ଧିମତାର ପ୍ରମୁଖ ଭୂମିକା ରହିଛି । ସାଙ୍ଗମାନଙ୍କ ସହିତ ବାହାରେ ଖେଳିଲେ ପିଲାମାନେ ମାନସିକ ସ୍ତରରେ ଅନେକାଂଶ ସୁସ୍ଥ ରହିଥାନ୍ତି । ଏହାଦ୍ୱାରା ସେମାନଙ୍କର ମନ ହାଲକା ରହିବା ସହ ପାଠପଢ଼ା ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୋଇଥାଏ । କାରଣ ଏହା ହେଉଛି ମନୋରଞ୍ଜନର ଅନ୍ୟତମ ମାଧ୍ୟମ । ଏହାଦ୍ୱାରା ତାଙ୍କର ଭାବିବା ଏବଂ ବୁଝିବା ଶକ୍ତିରେ ବୃଦ୍ଧି ଘଟିଥାଏ । ଫଳରେ ତାଙ୍କ ଧୈର୍ଯ୍ୟ, ସହଯୋଗର ଭାବନା ଏବଂ ଅନ୍ୟ ସହିତ ତାଳମେଳ ରଖିବାର କଳା ବି ମଜଭୁତ ହୋଇଥାଏ । ଏଠାରେ କେତୋଟି ବିଷୟରେ ସୂଚନା ଦିଆଯାଉଛି, ଯାହା ପିଲାର ବୁଦ୍ଧିମତା ବଢ଼ାଇବାରେ କେତେକାଂଶରେ ସାହାଯ୍ୟ କରିବ । ବେଳେବେଳେ ଲୋକେ ଭାବିଥାନ୍ତି ଖେଳିବା ଦ୍ୱାରା କେବଳ ସ୍ୱାସ୍ଥ୍ୟ ଭଲ ରୁହେ, କିନ୍ତୁ ଏମିତି କିଛି ଇନଡୋର ଗେମ୍ସ ରହିଛି ଯାହା ସେମାନଙ୍କର ଭାବନାକୁ ବଢ଼ାଇବାରେ କେତେକାଂଶରେ ସାହାଯ୍ୟ କରେ । ପିଲାଟିର ଖେଳ ପ୍ରତି ଆଗ୍ରହ ଥିଲେ ତାକୁ ସୁଯୋଗ ଦିଅନ୍ତୁ ହେଲେ କୌଣସି ଚାପର ବଶବର୍ତୀ ହୁଅନ୍ତୁ ନାହିଁ । କାରଣ ଏହା ପିଲାଟିର ମାନସିକ ଓ ବୁଦ୍ଧିମତା କ୍ଷେତ୍ରକୁ ପ୍ରଭାବିତ କରିଥାଏ । ପିଲାମାନଙ୍କର ଖେଳକୁଦ ପ୍ରତି ପିଲାବେଳୁ ଆଗ୍ରହ ରହିବାକୁ କେହି କେହି ଓଡ଼ିଆ ଢ଼ଗରେ କୁହନ୍ତି 'ତୁଳସୀ ଦୁଇ ପତ୍ରରୁ ବାସେ' । ଯଥାର୍ଥରେ ବାଧ୍ୟବାଧକତାରେ ନଖେଳି ବରଂ ପିଲାଟି ସକରାତ୍ମକ ଭାବରେ ତା ନିଜ ପସନ୍ଦର ଖେଳକୁ ପ୍ରଦର୍ଶନ କଲେ ତା ଭିତରୁ ହିଁ ନୂଆ ଉତ୍ସାହ ସୃଷ୍ଟି ହୋଇଥାଏ । ଯାହାର ସକରାତ୍ମକ ମନୋଭାବ ତାର ଦକ୍ଷତାକୁ ବଢ଼ାଇଥାଏ । ଆଜିର ସମୟରେ ନୂଆ ନୂଆ କୌଶଳ ପିଲାମାନଙ୍କର ବୁଦ୍ଧିମତାର ବିକାଶ କେବଳ ଘଟାଉନାହିଁ ବରଂ ଅନ୍ତର୍ନିହିତ ପ୍ରତିଭାକୁ ବଢ଼ାଉଛି । ଦିନରେ ଅତିକମରେ ଅଧଘଂଟା ଆଉଟଡୋର ଗେମ୍ସ ଖେଳିବାକୁ ଚେଷ୍ଟା କରନ୍ତୁ । ଫଳରେ ଏଥିରୁ ସେମାନେ ଟିମଓ୍ୱର୍କ ଏବଂ ସହଯୋଗ ଶିଖିଥାଆନ୍ତି । ଘରେ ଏଭଳି କେତେକ ଇନଡୋର ଗେମ ଅଛି, ଯାହାକୁ ପିଲା ନିୟମିତ ଖେଳିପାରିବେ । ବିଶେଷ ଭାବରେ ଚେସ, ଲୁଡୁ ଭଳି ଖେଳ ବୁଦ୍ଧିମତା ବିକାଶରେ ଅନେକାଂଶରେ ସହାୟକ ହୋଇଥାଏ । ଖେଳିବା ଦ୍ୱାରା ମନରୁ ନାକାରାତ୍ମକ ଭାବନା କେତେକାଂଶରେ ଦୂର ହୋଇଥାଏ । ଖୁସି ମନରେ ସବୁବେଳେ ଖେଳିବା ଭଲ । ମନେରଖନ୍ତୁ ପିଲାଟିର ବୁଦ୍ଧିମତା କେବଳ ସୋସିଆଲ ମିଡ଼ିଆ ବା ପୋଥିଗତ ବିଦ୍ୟା ଦ୍ୱାରା ଆୟତ ହୋଇପାରିନଥାଏ । ପିଲାଟିର ଅଭିଭାବକଙ୍କର ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କେହି କେହି ବୁଝନ୍ତି ଯେ ବୁଦ୍ଧିମତାର ବିକାଶ ନହେଲେ କ୍ୟାରିୟର ସତେ ଯେପରି ଅପୂରଣୀୟ ରହିଯିବ ତେବେ ଏହା ଆଦୌ ନୁହେଁ । ପାଠପଢ଼ା ସହ ବୁଦ୍ଧିମତା ବିକାଶର ସଂଯୋଗ ରହିଛି । ସାଙ୍ଗ ମାନଙ୍କ ସହିତ ଏ କ୍ଷେତ୍ରରେ ଭଲ ଭାବରେ ଭାବନାଗତ ତଥ୍ୟକୁ ନେଇ ଚର୍ଚ୍ଚା କରନ୍ତୁ । ଶ୍ରେଣୀ ସାରଙ୍କ ସହଯୋଗ ନିଅନ୍ତୁ ଏବଂ କୌଣସି ପ୍ରସଙ୍ଗକୁ ହାଲକାରେ ନିଅନ୍ତୁ ନାହିଁ ଏବଂ ସବୁବେଳେ ଏକ ପ୍ରକାର ମାନସିକ ଭାବେ ମୁକ୍ତ ରୁହନ୍ତୁ । ପାଠପଢ଼ାକୁ କଦାପି ବୋଝ ବୋଲି ଭାବନ୍ତୁ ନାହିଁ ।

*ଅଧ୍ୟକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-*
*୯, ସିଡିଏ, କଟକ*

# ୟୁପିଆଇ ଭାରତୀୟ ଅର୍ଥ ବ୍ୟବସ୍ଥାର ସାରଥୀ

ଭାରତ ଡିଜିଟାଲ ନେଣ ଦେଣ କ୍ଷେତ୍ରରେ ଇତିହାସ ସୃଷ୍ଟି କରିଛି । ଡିଜିଟାଲ ନେଣ ଦେଣ ଦେଶର ଅର୍ଥ ବ୍ୟବସ୍ଥାକୁ ନୂଆ ରପ ଦେଇଛି ଏବଂ ବିଶ୍ୱସ୍ତରରେ ଉଦାହରଣ ସୃଷ୍ଟି କରିଛି । ୟୁନିଫାଏଡ଼ପେମେ ଇ ରଫେସ (ୟୁପିଆଇ) ଏହାର ଆଧାର ଯାହା ଦେଶରେ ନଗଦ ମୁଦ୍ରା କାରବାରକୁ ଡିଜିଟାଲ ଯୁଗରେ ପରିବର୍ତନ କରିପାରିଛି । ସଡ଼କ କଡ଼ର ଚା ଦୋକାନ ହେଉ ବା ହଜାର ହଜାର ଟଙ୍କାର ଜିନିଷ କିଣାବିକା ସବୁଠି ୟୁପିଆଇ ର ପ୍ରଚଳନ ଚାଲିଛି ଓ ୟୁପିଆଇ ଏହି ନେଣ ଦେଣକୁ ସହଜ ଏବଂ ତ୍ୱରୀତ କରି ଦେଇଛି । ୟୁପିଆଇ ଏବେ ଭାରତୀୟଙ୍କ ପାଇଁ ନେଣ ଦେଣର ଜରୁରୀ ସାଧନ ପାଲଟି ଯାଇଛି । ୨୦୧୬ରେ ୟୁପିଆଇ ନେଣ ଦେଣର ବ୍ୟବସ୍ଥା ଆରମ୍ଭ ହୋଇଥିଲା । ନ୍ୟାସନାଲ ପେମେ ସ୍ କର୍ପୋରେସନ ଅଫ ଇଣ୍ଡିଆ (ଏନପିସିଆଇ) ପକ୍ଷରୁ ଏହି ବ୍ୟବସ୍ଥାର ପ୍ରଚଳନ କରାଯାଇଥିଲା । ୟୁପିଆଇ ଏକ ଆପ୍ ନୁହେଁ ବରଂ କୋଟି କୋଟି ଲୋକଙ୍କୁ ପାରମ୍ପରିକ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ଠାରୁ ଡିଜିଟାଲ ଯୁଗକୁ ନେଇଯାଇଛି । ୟୁପିଆଇ ୩ଟି ବ୍ୟବସ୍ଥା ଯୋଗୁଁ କାର୍ଯ୍ୟ କରୁଛି । ପ୍ରଥମଟି ହେଉଛି ଲୋକଙ୍କ ବ୍ୟାଙ୍କ ଖାତା, ଦ୍ୱିତୀୟ ହେଉଛି ଆଧାର ଯାହା ପ୍ରତ୍ୟେକ ନାଗରିକଙ୍କ ବାୟୋମେଟ୍ରିକ ପରିଚୟ ଏବଂ ତୃତୀୟ ହେଉଛି ମୋବାଇଲ ଡାଟା (ଇ ରନେଟ) । ଏହି ୩ଟି ବ୍ୟବସ୍ଥା ଡିଜିଟାଲ ସାର୍ବଜନିକ ଅବସଂରଚନାକୁ ନିର୍ମାଣ କରେ ଯାହା ୟୁପିଆଇକୁ ଏକ କ୍ରାନ୍ତିକାରୀ ମ ରେ ପରିଣତ କରିପାରିଛି ।

ୟୁପିଆଇର ସବୁ ଠାରୁ ବଡ଼ ଗୁଣ ହେଉଛି ଏହାର ସଂଯୋଜନ ଶୀଳତା । ଏହି ପ୍ରଣାଳି ଉପଯୋଗ କର୍ତାଙ୍କୁ କୌଣସି ବି ୟୁପିଆଇ ଆପ୍ ମାଧ୍ୟମରେ ତୁରନ୍ତ ଦେଣ ବା ପେଠ କରିବାର ସୁବିଧା ଦେଇଥାଏ । ଏହା ପୁଣି ଅନ୍ୟ ପକ୍ଷ କେଉଁ ଆପ୍ର ଉପଯୋଗ କର୍ତା ସେ ବାବଦରେ ଚିନ୍ତା କରିନଥାଏ । ଏହି ସରଳତା କାରଣରୁ ୟୁପିଆଇ ଅନ୍ୟସବୁ ଆପ୍ ଠାରୁ ଭିନ୍ନ ଅଟେ । ଆ'ର୍ଯାତୀୟ ମୁଦ୍ରା କୋଷ (ଆଇଏମ୍ଏଫ) ୨୦୨୫ ଜୁନ ମାସରେ କହିଥିଲା ଯେ ଭାରତରେ ଡିଜିଟାଲ ନେଣ ଦେଣ କ୍ଷେତ୍ରରେ ୟୁପିଆଇ ଏକ କ୍ରାଁ ଆଣି ଦେଇଛି ଏବଂ ଡିଜିଟାଲ ନେଣ ଦେଣର ଏକ ସ୍ୱତନ୍ତ୍ର କାୟାକଳ୍ପ ସୃଷ୍ଟି କରି ପାରିଛି । ଆ'ର୍ଯାତୀୟ ମୁଦ୍ରା କୋଷ ୟୁପିଆଇକୁ ବିଶ୍ୱର ସର୍ବାଧିକ ଦ୍ରୁତିତ ନେଣ ଦେଣ ପ୍ରଣାଳୀ ବୋଲି କହିଛି । ଭାରତରେ ପ୍ରତି ମାସରେ ୧୯ ଅରବ (୧୯୦ ଲକ୍ଷ କୋଟି)ରୁ ଅଧିକ ନେଣ ଦେଣ ୟୁପିଆଇ ମାଧ୍ୟମରେ ହୋଇଥାଏ । ୟୁପିଆଇ ଭାରତୀୟ ଅର୍ଥବ୍ୟବସ୍ଥାକୁ ଅଧିକ ଗତିଶୀଳ କରିଛି । ୨୦୧୬ରେ ବିଶ୍ୱର ଶୀର୍ଷ ୧୦ ଅର୍ଥବ୍ୟବସ୍ଥାରେ ସାମିଲ ଭାରତ ଏବେ ୪ର୍ଥ ବୃହତ୍ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି । ଏ ଦିଗରେ ୟୁପିଆଇର ଭୂମିକା ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଟେକନିକାଲ ଭ୍ରଷ୍ଟାଚାର ଉପରେ ଅଙ୍କୁଶ ଲଗାଇବା ସହ ନଗଦ ନୋଟ ଛପା ପାଇଁ ହେଉଥିବା ଖର୍ଚ୍ଚ ମଧ୍ୟ ୟୁପିଆଇ ଯୋଗୁଁ କମିଛି । ଏପରିକି ଧନର ତରଳତା ବଢ଼ାଇବା ଦିଗରେ ଏହା ସହାୟକ ହୋଇଛି ।


ଗୋପାଳ ମହାପାତ୍ର

୨୦୨୫ ଅଗଷ୍ଟ ସୁଦ୍ଧା ୟୁପିଆଇ ମାଧ୍ୟମରେ ୨୪.୮୫ ଲକ୍ଷ କୋଟିରୁ ଅଧିକ ମୂଲ୍ୟର ନେଣ ଦେଣ ହୋଇଛି । ଭାରତରେ ଡିଜିଟାଲ ନେଣ ଦେଣର ୮୫ ପ୍ରତିଶତ ଅଂଶ ୟୁପିଆଇ ମାଧ୍ୟମରେ ହୋଇଥାଏ । ୟୁପିଆଇ କ୍ରେଡିଟକାର୍ଡ ଓ ଡେ଼ବିଟକାର୍ଡ କୁ ମଧ୍ୟ ପଛରେ ପକାଇ ଦେଇଛି । ଗାଁ ଠାରୁ ଆରମ୍ଭ କରି ସହର ପର୍ଯ୍ୟ' ଛୋଟ ଛୋଟ ଦୋକାନୀ, ଗ୍ରାମା ଲର ଛୋଟ ଛୋଟ ଶିଳ୍ପ ଏପରିକି ସାଧାରଣ ନାଗରିକ ମାନଙ୍କର ୟୁପିଆଇ ଏକ ସାଧନ ପାଲଟି ଯାଇଛି । ଚା ଦୋକାନୀ, ମଜଦୁର, କୃଷକ ସମସ୍ତେ ୟୁପିଆଇ ମାଧ୍ୟମରେ ନେଣ ଦେଣ କରିପାରୁଛଂି । ଏକ ତଥ୍ୟ ଅନୁସାରେ ୮୯ ପ୍ରତିଶତରୁ ଅଧିକ ଭାରତୀୟଙ୍କ ବ୍ୟାଙ୍କ ଖାତା କୁ ଡିଜିଟାଲ ଅର୍ଥବ୍ୟବସ୍ଥା ସହ ଯୋଡିବାର କାମ କରୁଛି ୟୁପିଆଇ । ଏହି ୟୁପିଆଇ ବ୍ୟବସ୍ଥାକୁ ସିଙ୍ଗାପୁର, ୟୁନାଇଟେଡ୍ ଆରବ ଏମିରେଟସ, ମରିଶସ, ନେପାଳ, ଶ୍ରୀଲଙ୍କା ଏବଂ ଭୁଟାନ ଭଳି ଦେଶ ମଧ୍ୟ ଆପଣେଇ ନେଇଛନ୍ତି । ୟୁପିଆଇ ଏକ ନେଣ ଦେଣ ପ୍ରଣାଳୀ ନୁହେଁ ବରଂ ଏହା ଭାରତର ନବାଚାର ଏବଂ ସମାବେଶୀ ବିକାଶର ପ୍ରତୀକ ପାଲଟି ଯାଇଛି । ଏହା ଡିଜିଟାଲ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତ ଭଳି ଅଭିଯାନର ଜୀବ' ଉଦାହରଣ । ଏଥିରେ ମଧ୍ୟ କେତେକ ଅସୁବିଧା ରହିଛି । ଡିଜିଟାଲ ସାକ୍ଷରତା, ସାଇବର ସୁରକ୍ଷା ଏବଂ ଗ୍ରାମା ଲରେ ଇ ରନେଟ ବ୍ୟବସ୍ଥାର ଅଭାବକୁ ସୁଧାରାଯାଇ ପାରିଲେ ଏହାର ଉପଯୋଗିତା ଆହୁରି ବୃଦ୍ଧି ପାଇବ । ୟୁପିଆଇ ଭାରତର ଡ଼ିଜିଟାଲ କ୍ରାଁର ଏମିତି ଏକ ବ୍ୟବସ୍ଥା ଯାହା ବିଶ୍ୱକୁ ନୂଆ ଦିଗ୍ଦର୍ଶନ ଦେବାରେ ସକ୍ଷମ ହୋଇପାରିଛି ।

*ରାମଚନ୍ଦ୍ରପୁର, ରଣପୁର,*
*ମୋ :- ୯୪୩୮୪୮୫୦୯୪*

# ସାହିତ୍ୟ ଦର୍ପଣ



## ଭବ୍ୟ ବିସମ୍ବାଦ



ସୁଦର୍ଶନ ମହାପାତ୍ର

ଶୁଭକାନ୍ତ ଜଣେ ମେଧାବୀ, ଶାନ୍ତ, ସଂସ୍କାରିତ ବୋଲି ବାହାଘର ଆଗରୁ ତା'ର ପ୍ରଶଂସାରେ ଶତମୁଖ ଥିଲେ ଭାଇ ଭାଉଜ ।ଭାଉଜଙ୍କ ଘର ପଟରୁ ଚିହ୍ନା ଜଣା । ଉଚ୍ଚ ଦରମା ସାଙ୍ଗକୁ କୌଣସି ପ୍ରକାର ବଦଭ୍ୟାସ ନଥିବା ପିଲା ଆଜିକାଲି ଯୁଗରେ ମିଳିବା ଖୁବ୍ କଷ୍ଟ ବୋଲି ଭାଉଜ ବୁଝାଇବାକୁ ଚେଷ୍ଟା କରିଥିଲେ ସୁଦୀପ୍ତାକୁ ।

-' ଭାଗ୍ୟରେ ଥିଲେ ଏମିତି ପିଲା ମିଳେ । ପିଲା ନୁହେଁ ତ ହୀରାଖଣ୍ଡେ... !' ଭାଉଜ ବୋଉକୁ ଏକଥା କହିଲାବେଳେ ବୋଉ ମୁହଁରେ ହସ ଉକୁଟି ଉଠୁଥିବାର ଦେଖିଲା ସୁଦୀପ୍ତା ଏବଂ ନିଜେ ଖୁସିରେ ଜୁଡୁବୁଡୁ ହୋଇ ଯାଇଥିଲା ।

ଭାଉଜଙ୍କ ସହିତ ପରିବାରର ସମସ୍ତେ ଆଶ୍ୱସ୍ତ ହୋଇଥିଲେ ସୁଦୀପ୍ତାର ସମ୍ମତିରେ ।

ବାହାଘର ପରେ ସୁଦୀପ୍ତା ସତକୁ ସତ ଅନୁଭବ କରିଥିଲା ଶୁଭକାନ୍ତ କୋଟିଏରେ ଗୋଟିଏ । ସ୍ୱପ୍ନର ରାଜକୁମାର ପରି । ମନଲାଖି ମନଟିଏ ମିଳିଗଲେ କିଏ ବା ଖୁସି ନହେବ ! ଏଇ କେତେଦିନର ମିଳାମିଶା ଭିତରେ ସୁଦୀପ୍ତା ଖୁବ୍ ବୁଝି ଯାଇଥିଲା ଶୁଭକାନ୍ତର ପସନ୍ଦ ଅପସନ୍ଦକୁ ।

ଖାଲି ଶୁଭକାନ୍ତ ନୁହେଁ, ଶାଶୁ ଶ୍ୱଶୁର ନଣନ୍ଦ ସମସ୍ତେ ଭଲ ପାଉଥିଲେ ସୁଦୀପ୍ତାକୁ ।ଶାଶୁ ଶ୍ୱଶୁରଙ୍କ ଡାକରେ ସୁଦୀପ୍ତା 'ଦୀପା' ନାଁ କୁ ପରିବର୍ତ୍ତିତ ହୋଇଯାଇଥିଲେ ହେଁ ଶୁଭକାନ୍ତଙ୍କ ଡାକ 'ସୁ' ତାକୁ ଖୁବ୍ ଆମୋଦିତ କରୁଥିଲା । ଶାଶୁଘର ନୁହେଁ ତ ସ୍ୱର୍ଗପୁର ବୋଲି ଅନୁଭୁତ ହୋଇଥିଲା ସୁଦୀପ୍ତାକୁ ।

ଝିଅ ତା ଶାଶୁଘରର ପ୍ରତ୍ୟେକ ବ୍ୟକ୍ତିଙ୍କର ଏମିତି ପ୍ରଶଂସା କରୁଥିଲା ଯେ, ମା ବାପା ଝିଅର ଖୁସିରେ ନିଜର ଖୁସି ଦ୍ୱିଗୁଣିତ ହୋଇଛି ବୋଲି ଅନୁଭବ କରୁଥିଲେ । ଭିଡିଓ କଲରେ କଥା ହେଲାବେଳେ ମାଆ ଆଖିରୁ ଖୁସିର ଲୁହ ବାହାରି ଆସୁଥିବାର ଦେଖୁଥିଲା ସୁଦୀପ୍ତା । ବାପା ଅଳ୍ପ ସମୟ କଥା ହେଲା ମଧ୍ୟରେ ତାଙ୍କ କଣ୍ଠରେ କୋହ ଭର୍ତ୍ତି ଥିବାର ଅନୁଭବ କରୁଥିଲା ଗେହ୍ଲା ଝିଅ ସୁଦୀପ୍ତା । ଏସବୁ ଜାଣି ଭାଇ ଭାଉଜ ବି ଖୁବ୍ ଖୁସି ହୋଇ ଯାଇଥିଲେ ।

ହେଲେ ବାହାଘର ର ଅଳ୍ପ ଦିନ ଭିତରେ ଶୁଭକାନ୍ତ ଇଂଲଣ୍ଡ ଗସ୍ତରେ ଯିବେ ବୋଲି ଚୁଡାନ୍ତ କରିଦେଲେ । ତାଙ୍କର ବହୁଦିନର ଇଛା ସାକାର ହେଉଛି ବୋଲି ସେ ଖୁବ୍ ଖୁସି ହେଉଥିଲେ । ସୁଦୀପ୍ତା ତାଙ୍କ ଜୀବନକୁ ଆସୁ ଆସୁ ଏପରି ଖୁସି ଖବର ମିଳିଲା ତ ସେ ପତ୍ନୀଙ୍କ ପ୍ରଶଂସାରେ ଶତମୁଖ ହୋଇ ପଡିଲେ ।ଆମ ଘରକୁ ସାକ୍ଷାତ ଭାଗ୍ୟଦେବୀ ଆସିଛନ୍ତି ବୋଲି ବନ୍ଧୁବାନ୍ଧବ ଙ୍କ ଆଗରେ କହିବାକୁ ପଛଉନଥିଲେ ଶାଶୁ ଶ୍ୱଶୁର ।

ହେଲେ ଖୁସି ନଥିଲା ସୁଦୀପ୍ତା । ନିଜକୁ ଭାଗ୍ୟହୀନା ବୋଲି ମନେ କରୁଥିଲା ସେ ।ବିଦେଶ ନଯାଇ ଏଇ ଭାରତରେ ନିଜର ସ୍ୱପ୍ନ ପୂରଣ କରିବାକୁ ଅନୁରୋଧ କରିଥିଲା ଶୁଭକାନ୍ତ ଙ୍କୁ । ହେଲେ ଶୁଭକାନ୍ତ ଯେଉଁ ରିସର୍ଚ୍ଚ କରିବାକୁ ଆଗ୍ରହୀ ଥିଲେ ସେ ସୁଯୋଗ ଭାରତରେ ନାହିଁ ଏବଂ ସବୁଠୁ ବଡ଼ କଥା ହେଲା ଦୁଇ ତିନି ବର୍ଷର ଚେଷ୍ଟା ପରେ ସେ ଯେତେବେଳେ ଏଇ ସୁଯୋଗ ପାଇଛନ୍ତି ଆଉ ହାତଛଡ଼ା କରିବାକୁ ଚାହୁଁନାହାଁନ୍ତି ବୋଲି ବୁଝାଇବାକୁ ଚେଷ୍ଟା କରୁଥିଲେ ସୁଦୀପ୍ତାକୁ ।

ଇଂଲଣ୍ଡରେ ଠିକ୍ ଭାବରେ ଥଇଥାନ ହୋଇ ସୁଦୀପ୍ତାକୁ ସେଠାକୁ ଶୀଘ୍ର ନେଇ ଯିବାକୁ ଶୁଭକାନ୍ତ ପ୍ରତିଶ୍ରୁତି ଦେବାପରେ ଶେଷରେ ସୁଦୀପ୍ତା ତାଙ୍କ କଥାରେ ରାଜି ହୋଇଯାଇଥିଲା ।

ମୁହଁରେ ବିରସତା ନଦେଖାଇବାକୁ ଖୁବ୍ ଚେଷ୍ଟା କରି ମଧ୍ୟ ବାରମ୍ବାର ବିଫଳ ହେଉଥିଲା ସୁଦୀପ୍ତା ।ଛାତିତଳେ ସେଇ ଦୁଃଖ ଭିଡି ମୋଡି ହେଉଥିଲା । ଶାଶୁଘର ଠାରୁ ଆରମ୍ଭ କରି ବାପା ମାଆ ସମସ୍ତେ ସୁଦୀପ୍ତାକୁ ଖୁସିରେ ରଖିବାକୁ ଚେଷ୍ଟା କରୁଥିଲେ ।

ପାଖେଇ ଆସିଲା ସେଇଦିନ । ପ୍ଲେନ ଛାଡିବାର ନିର୍ଦ୍ଧାରିତ ସମୟର ଦୁଇ ଘ[। ଆଗରୁ ସମସ୍ତେ ବିମାନ ବନ୍ଦର ଅଭିମୁଖେ ବାହାରିଲେ । ବାଟରେ ଶୁଭକାନ୍ତ ସୁଦୀପ୍ତାକୁ ଆଉ ମନଦୁଃଖ ନକରିବାକୁ ବୁଝାଇବାରେ ଲାଗିଥିଲେ ।

-' ସୁ..,ଏତେଦିନ ଧରି ହାତଛଡ଼ା ହୋଇଯାଉଥିବା ସୁଯୋଗ ହଠାତ୍ ଯେ ଆସି ପହଂଚିଯିବ ମୁଁ କେବେ କଳ୍ପନା ବି କରିନଥିଲି । ପୁଣି ତୁମେ ମୋ ଜୀବନକୁ ଆସିବା ସଙ୍ଗେ ସଙ୍ଗେ । ତୁମେ ମୋର ସୌଭାଗ୍ୟ ସୁ..! ପ୍ଲିଜ ମୋତେ ଭୁଲ୍ ବୁଝନି । ମୋତେ କୌଣସି ପ୍ରକାର ସନ୍ଦେହ କରନି । ଖୁବ୍ ଶୀଘ୍ର କେମିତି ତୁମେ ଯାଇ ମୋ ପାଖରେ ପହଂଚିବ ସେ ବ୍ୟବସ୍ଥା ମୁଁ କରିବି । ତୁମେ କ'ଣ ଭାବୁଛ ତୁମକୁ ଛାଡି ଗଲାବେଳେ ମୋର ମନଦୁଃଖ ହେଉନାହିଁ ?'

-' ମୁଁ ଆଉ ମନଦୁଃଖ କରୁନାହିଁ । ବିଶ୍ୱାସ କର । ତୁମ ଗୌରବ ରେ ମୁଁ ଗୌରବାନ୍ୱିତା । ମୁଁ ତୁମର ଅର୍ଦ୍ଧାଙ୍ଗିନୀ ହୋଇ ସାରିଛି । ମୋ ଜୀବନର ସବୁ ସ୍ୱପ୍ନ ପୂରଣ କରିଛନ୍ତି ବୋଲି ମୁଁ ଠାକୁରଙ୍କୁ ଅଜସ୍ର ଧନ୍ୟବାଦ ଦେଉଛି ।'

ହଠାତ୍ ଗାଡିର ବ୍ରେକ ମାରିଲା ଡ୍ରାଇଭର ।ଆଖିରୁ ଲୁହ ପୋଛି ସୁଦୀପ୍ତା ବାହାରକୁ ଚାହିଁଲା । କ'ଣ ହେଲା ବୁଝିବାକୁ ଚେଷ୍ଟା କଲେ ଶୁଭକାନ୍ତ । ଆଗରେ କେଉଁଠି ଗୋଟିଏ ଦୁର୍ଘଟଣା ଘଟି ଯାଇଛି ଆଉ ସେଇଥିପାଇଁ ଗାଡି ଜାମ ହୋଇଛି ବୋଲି ବୁଝିଲେ ।

ପଛକୁ ପଛ ଆହୁରି ଗାଡି ଆସି ରାସ୍ତା ଜାମ କରି ସାରିଥିଲେ ।ନା ଗାଡି ଆଉ ଆଗକୁ ଯିବାର ଉପାୟ ଅଛି ନା ପଛକୁ...! ଦୀର୍ଘ ଚାଳିଶ ମିନିଂଟ ଅପେକ୍ଷା କରିବାକୁ ପଡିଲା ସେହି ଜାଗାରେ ।

ବାଟରେ ପୁଣି ଗୋଟିଏ ଦୁର୍ଯ ?ଗ ଆସି ଉଭା ହେଲା । କେଇ ଦିନ ଆଗରୁ ଘଟିଯାଇଥିବା ଦୁଷ୍କର୍ମରେ ଜଡ଼ିତ ଥିବା ସନ୍ଦେହରେ ଜଣେ ନେତାଙ୍କୁ ହଠାତ୍ ଗିରଫ କରାଯାଇଥିବାରୁ , ସରକାରଙ୍କ ବିରୋଧରେ ବିଧାନସଭା ଘେରାଉ କରିବାକୁ ବିରୋଧଦଳଙ୍କର ଶୋଭାଯାତ୍ରା ସେଇ ରାସ୍ତାଦେଇ ଯାଉଥିଲା ତ ଗାଡି ମଟର ସବୁ ବନ୍ଦ ହୋଇଗଲା ସ୍ୱାଭାବିକ ଭାବରେ । ଆଜିକାଲି ବିରୋଧ କରିବାର ରୂପରେଖ କେତେବେଳେ କେଉଁ ରୂପ ନେବ ବୁଝିବା ମୁସ୍କିଲ । ଗାଡି ଜଳାପୋଡା କୁ କାହାର ବା ଭୟ ନାହିଁ ?

-' ସତେ ଯେମିତି ଆଜି ହିଁ ସବୁ ଅଘଟଣ ଯାକ ଘଟିବାର ଅଛି ।'

ବିରକ୍ତି ଭାବ ନେଇ କହିଲା ସୁଦୀପ୍ତା ।

-' ଚିନ୍ତା କରନା ସୁ.. । ସବୁ ଠିକ ହୋଇଯିବ ।' ହସି ହସି ସୁଦୀପ୍ତାକୁ ସାନ୍ତ୍ୱନା ଦେଉଥିଲେ ଶୁଭକାନ୍ତ ।

ଆହୁରି ପଚିଶ ତିରିଶ ମିନିଂଟ ଡେରି ହୋଇଗଲା ବାଟରେ । ପୁଣି ଶୋଭାଯାତ୍ରା ସରିଲା ବେଳକୁ ପ୍ରବଳ ଭିଡ଼ କାଟି ଯାଇ ବିମାନବନ୍ଦର ରେ ପହଂଚିଲା ବେଳକୁ ଫ୍ଲାଇଟ ଛାଡିବାର ସମୟ ପ୍ରାୟ ଉପନୀତ ହୋଇଯାଇଥିଲା ।

ତିନି ମିନିଂଟ ବିଳମ୍ବ ପାଇଁ ଫ୍ଲାଇଟ ଆଟେଣ୍ଡାଂଟ ଶୁଭକାନ୍ତ କୁ ଚେକ୍ ଇନ୍ କରାଇବାକୁ ମନା କରିଦେଲେ । ଏୟାରପୋର୍ଟ କର୍ତ୍ତୃପକ୍ଷ ବି ଏ ଦିଗରେ ଆଉ କିଛି ସାହଯତା କରିହେବ ନାହିଁ ବୋଲି କହିଲେ ।

ସୁଦୀପ୍ତା ଆଖିରେ ସେତେବେଳକୁ ଅନୁତାପର ଅଶ୍ରୁ ବହି ଚାଲିଥିଲା । ତାରି କାରଣରୁ ଆଜି ଶୁଭକାନ୍ତ ନିଜ ସ୍ୱପ୍ନ ପୂରଣ କରିବାରୁ ବଂିତ ହେଲେ । ସେ ହିଁ ଏକା ଶୁଭକାନ୍ତ ନଯାଆନ୍ତୁ ବୋଲି ଚାହୁଁଥିଲା । କେତେ ଅମଙ୍ଗୁଳି ଟିଏ ସେ ସତରେ..!

ଏଥର ସମସ୍ତେ ଲାଗି ପଡ଼ିଥିଲେ ସୁଦୀପ୍ତାକୁ ସାନ୍ତ୍ୱନା ଦେବାରେ । କିଛି ସମୟ ପାଇଁ ଗୁମ୍ ହୋଇ ବସିଥିବା ଶୁଭକାନ୍ତ ବି 'ଠାକୁର ଙ୍କର ଇଛା ନାହିଁ ତ ତୁମର କିଛି ଦୋଷ ନାହିଁ' ବୋଲି ସୁଦୀପ୍ତାକୁ ବୁଝାଇଲେ ।

ଘରେ ସମସ୍ତେ ପହଂଚି ଯାଇ ସାରିଥିଲେ । ସୁଦୀପ୍ତାର ବାପା ମାଆ ମଧ୍ୟ ଫେରି ଯାଇଥିଲେ ।

-' ତୁମେ ମୋ ସହିତ ଅଛ ତ ଆସନ୍ତାବର୍ଷ ମଧ୍ୟ ଏ ସୁଯୋଗ ଆଉଥରେ ଆସିବ । ସେତେବେଳକୁ ଆମେ ଦୁହେଁ ଯିବା । ଠାକୁର ଚାହିଁଲେ ଯେ 'ସୁ' କୁ ଛାଡି କେଉଁଆଡେ ଏବେ ଯିବା ଦରକାର ନାହିଁ । ନବବିବାହିତା କୁ ଛାଡି କେହି କ'ଣ ବିଦେଶ ଯାଏ ?? ମୋତେ ସ୍ୱପ୍ନରେ କହିଥିଲେ ଠାକୁର । ତାଙ୍କ କଥା ନମାନିଲେ ଏୟା ହିଁ ହେବା ନିଧାର୍ଯ୍ୟ.. ।'

ଶୁଭକାନ୍ତ କଥାରେ ଏଥର ହସିଲା ସୁଦୀପ୍ତା ।

ବାପା ହଠାତ୍ କାହିଁକି ଫୋନ୍ କରିଛନ୍ତି ବୋଲି ସୁଦୀପ୍ତା ଫୋନ୍ ରିସିଭ୍ କଲା ତ ହତବମ୍ବ ହୋଇଗଲା । ଶୁଭକାନ୍ତଙ୍କୁ କହି ଟିଭି ଖୋଲିଲା ତ ନ୍ୟୁଜ ଆସିଲା ଗୋଟିଏ ଦୁର୍ଘଟଣାର ।'ପ୍ଲେନ କ୍ରାସ୍' ର ନ୍ୟୁଜ । ସେ ପୁଣି ଏବେ ଏବେ ଇଂଲଣ୍ଡ ଅଭିମୁଖେ ଯାତ୍ରା କରିଥିବା ବିମାନର ।ଯେଉଁ ବିମାନକୁ ମିସ୍ କରିଥିଲା ଶୁଭକାନ୍ତ ।

ସମସ୍ତ ଯାତ୍ରୀ ସେଇ କ୍ରାସ ଯୋଗୁଁ ଦଗଧିଭୂତ ହୋଇଯାଇ ଥିବାର ସମ୍ଭାବନା ଖବରରେ ସମସ୍ତେ ସ୍ତବ୍ଧ ହୋଇଗଲେ ।

ଫୁଲି ଫୁଲି କାନ୍ଦୁଥିଲା ସୁ....!!!

*କୁଞ୍ଜବିହାରୀ ଲେନ, କଟକ*
*ମୋ:୯୪୩୮୧୭୫୫୩୨*

## ଇପ୍ସିତ

*ଆଦ୍ୟାଶା ମହାପାତ୍ର*



ମୋ ଆଡେ ବଢେଇ ଦେବ କି
ତମର ସେ ମନଜିଣା
ହସରୁ ଟୁକୁଡେ
ପାଳିବି ମୋ ଭିତରେ
ଅତି ସରାଗରେ
ଓହ୍ଲେଇ ଦେଇ
ଅବସୋସର ନିର୍ମୋକ
ଦୁଃଖ ସବୁକୁ ଡାକିନେବି
ଶୋଇ ଦେବାକୁ
ଶିଆଳି ଲତାରେ

କିଟିମିଟିଆ ଅନ୍ଧାରକୁ ବି
ମୋର ଆଉ ଡର ନଥିବ
ସେଇ ଅନ୍ଧକାରର ଛାତି ଚିରି
ଉଇଁ ଆସୁଥିବ
ଗୋଟେ ଚନ୍ଦ୍ର ସୂର୍ଯ୍ୟ
ଆବୋରି ବସିବ ସକଳ ଐଶ୍ୱର୍ଯ୍ୟ

ତୁମେ ଆସିବ କି
ସେଇ କଦମ୍ବ ବନ
ନଥିବ ସେଠି ଆଉ
ଆରଣ୍ୟକ ଭୟ
ଚାରିଆଡ଼େ ଥିବ ବାସ୍ନାୟିତ
ନିରୁତା ଆବେଗ
ନୀଳ ଜହ୍ନ ଡାକୁଥିବ ଆ'
'ତୋ'ର ସବୁ ଭ୍ରାନ୍ତି
ସୁର ହୋଇ ମହକିବେ
ମୋ ବଂଶୀର ସପ୍ତମ
ରନ୍ଧ୍ରରେ...!!!'

## ଅନ୍ତସୋର ଶୂନ୍ୟ ସତା

*ସୁଧାକର ରାଉତ*



କିଏ ବା ଦେଖିବ କିଆଁ
ମୋ ଆଖିର ଲୁହ
ଜ୍ୱଳନ ବେଦନା ଏକା
ବୁଝେ ସିନା କୋହ ।
ମରୁପଥେ ଚାଲି ଚାଲି
ପଡିଅଛି ଥକି
ଅନ୍ତହୀନ ପଥ କ୍ଳାନ୍ତି
ନାହିଁ କିଛି ବାକି ।
ଅବଶ ତନୁ ଖୋଜଇ
କା ର ଆହା ପଦ
ସାନ୍ତ୍ୱନା ଶବଦେ କାଳେ
ଦୂର ହେବ ଖେଦ ।
ତିକ୍ତତାରେ ପୂର୍ଣ୍ଣ ପ୍ରାଣ
ଖୋଜେ ଟିକେ ସାହା
ବିଦାୟୀ ସମୟଟା ବି
କୁହେ ନାହିଁ ଆହା ।
ଅନ୍ଧାର ଆଲୁଅ ସଙ୍ଗେ
ଲୁଚକାଳି ଖେଳି
ଆୟୁଷ ମୋ ଅଜ୍ଞାତରେ
ବୋଲି ଅଛି କାଳି ।
କପାଳଟା ମନ୍ଦ ମୋର
କା କୁ ଦେବି ଦୋଷ
ବୃଥା ଆସ୍ଫାଳନ ଯାହା
ଭାବି କରି ରୋଷ ।
ଦରଦ ଭରା ହୃଦକୁ
ସମ୍ପର୍କର ଡୋର
ଅକ୍ଲେଶରେ କାଟି ଦେଇ
ହୋଇଗଲା ଦୂର ।
ସଞ୍ଜ ନଇଁଲାଣି ପକ୍ଷୀ
ଫେରୁଛନ୍ତି ନୀଡେ
ତଥାପି ଏ ମାୟା ଜାଲ
ଛନ୍ଦି ମୋତେ ଭିଡେ ।
ଦୂରରୁ ଶୁଭୁଛି ଏବେ
ଅଶରୀର ଡାକ
କି ହୋଇବ ଅସ୍ତବେଳେ
କଲେ ମିଛେ ଶୋକ ।
ଅନୁତାପ, ଅବସାଦ
କରି ସବୁ ଠୁଳ
ଚିର ନିଦ୍ରାରେ ଶୋଇବି
ଏ ତ ଶେଷ ବେଳ ।

*ପ୍ରତାପ ନଗରୀ, କଟକ*

## ଗାଆଁ ଉନ୍ନତିର ଚିନ୍ତା

*ନିରଞ୍ଜନ ସାହୁ*



ଗାଆଁର ଉନ୍ନତି କରିବାର ଚିନ୍ତା
ଅନେକ ଭାବନ୍ତି ବସି
ସେ କଥା ଶୁଣିଲେ କେତେକ ସେଠାରୁ
ତୁରନ୍ତ ଯାଆନ୍ତି ଖସି ।

କିଏ କହୁଥାଏ ଏମିତି କରିବା
କେ ' କହେ ସେମିତି କର
କିଏ କହୁଥାଏ ମୋ କଥାକୁ ମାନି
ଏହିପରି ବାଟ ଧର
ଆଉ କିଏ ସବୁ କଥାକୁ ଉଡାଏ
ତାଚ୍ଛଲ୍ୟର ହସ ହସି ।

କିଏ କହୁଥାଏ କାହାକୁ କହିବା
କେ ' କହେ ତାହାଙ୍କୁ କୁହ
କିଏ କହୁଥାଏ କୁମ୍ଭୀର କାନ୍ଦଣା
ଝରାଅନି ଆଖି ଲୁହ
କିଏ କହେ ବଡ଼ ଫସର ଫାଟିଲେ
ସାନ ଆଗେଇଲେ ରସି ।

କିଏ କହେ ଏହି ବଗୁଲିଆ ସବୁ
ଯେତେ ହୋଇଛନ୍ତି ମେଳ
ପ୍ରଚୁର ସ୍ୱାର୍ଥରେ ବୁଡି ରହିଛନ୍ତି
ଦେଖିବ ତାଙ୍କରି ଖେଳ
ଲୋକଙ୍କୁ ଭକୁଆ ବନାଇବେ ଇଏ
ବାରବାଟୀ ଜମି ଚଷି ।

ଗାଆଁର ଉନ୍ନତି ଅବା ଅବନତି
କଥାରେ ରହିଛି ଯାହା
କିଏ ଗାଆଁ ପାଇଁ ସତରେ କାନ୍ଦୁଛି
ଜଣା ପଡୁନାହିଁ ତାହା
ସାଧାରଣ ଲୋକେ ଦୂରେଇ ଯାଆନ୍ତି
ଏଥିରେ ଜମା ନ ପଶି ।

*ନିହଲ ପ୍ରସାଦ, ଗଁଡିଆ ପାଟଣା*
*ଢେଙ୍କାନାଳ- ୭୫୯୦୧୬*
*ମୋ :୯୯୩୮୭୪୧୫୮୩*

## ହେ ଅର୍ଜ୍ଜୁନ ! କର୍ମଯୋଗୀ ହୁଅ ...

*କବିରତ୍ନ ନୂତନ କୁମାର ବେହେରା*



ବିସ୍ଫାରିତ ନୟନରେ ଅବଲୋକନ କରି
କୁରୁକ୍ଷେତ୍ରେ ସୈନ୍ୟ ସାମନ୍ତଙ୍କ ସଜ୍ଜାର ଦୃଶ୍ୟ
ବୀର ଅର୍ଜ୍ଜୁନ ବିଷାଦରେ ହେଲେ ଉଦବିଗ୍ନ
ମନସ୍ତାପେ ବର୍ଜିଲେ ସେ ତାଙ୍କର ଗାଣ୍ଡିବ
କାହା ସହିତ କରିବେ ସେ ଏ ଭୟଙ୍କର ଯୁଦ୍ଧ
ସମ୍ମୁଖରେ ପିତାମହ ଭୀଷ୍ମ ଗୁରୁ ଦ୍ରୋଣାଚାର୍ଯ୍ୟ
ପୁଣି ରାଜଗୁରୁ କୃପାଚାରୀ ଓ କୌରବ ଭ୍ରାତାଗଣ
ନିଜ ଜ୍ଞାତି କୁଟୁମ୍ବ ଏକ ରକ୍ତ ସଂପର୍କର
ରାଜ ସିଂହାସନ ପାଇଁ ସେ କରିବେ ସମର
ନା...ନା...ଏ ଯେ ତାଙ୍କ ପାଇଁ ଅସମ୍ଭବ
ସଖା ସାରଥି ଶ୍ରୀକୃଷ୍ଣ ଦେଖି ଅର୍ଜ୍ଜୁନଙ୍କର ବିଷାଦ
ସ୍ମିତ ହାସ୍ୟରେ କହିଲେ ଦେଇ ଉଦ୍ ବୋଧନା
ତୁମେ ଅନନ୍ୟ ଧନୁର୍ଦ୍ଧର ହେ ବୀର ଫାଲଗୁନୀ !
ହୁଅ ନାହିଁ ଧୈର୍ଯ୍ୟ ଚ୍ୟୁତ ନିଜକୁ କର ସୁଦୃଢ଼
ବାଜିଲାଣି ଶୁଭ ଶଙ୍ଖ ଆରମ୍ଭ ହେବ ଧର୍ମଯୁଦ୍ଧ
ପ୍ରତିପକ୍ଷ ମାନୀ ଦୁର୍ଯ୍ୟୋଧନ ଦିଏ ରଣ ହୁଙ୍କାର
ସାଥେ ନେଇ ତାର ବିରାଟ ସୈନ୍ୟବାହିନୀ
ନହୁଅ ବିବ୍ରତ ଭାବନାରେ ନଭାସି ବାସ୍ତବ ଚିନ୍ତ
ଅନ୍ୟାୟ ବିରୁଦ୍ଧରେ ତୁମେ କରିବ ସଂଗ୍ରାମ
ଅଧର୍ମକୁ ନାଶି ତୁମେ କରିବ ଧର୍ମର ସୁରକ୍ଷା
ହେ ଅର୍ଜ୍ଜୁନ ! କର୍ମମଯୋଗୀ ହୁଅ କର୍ମ କରି ଚାଲ
ତୁମେ କାହାକୁ ମାରୁନ କରୁଛ ବୀରର କର୍ତବ୍ୟ
ସବୁରି ମଧ୍ୟରେ ଆତ୍ମା କରିଛି ବିରାଜମାନ
ତାର ନାହିଁ ମୃତ୍ୟୁ ସେ ତ ଚିର ଅଜେୟ ଅମର
ଏକ ଶରୀରରୁ ଅନ୍ୟ ଶରୀରକୁ କରେ ଗମନ
ଯେହ୍ନେ ମାନବ ତା' ସମ୍ମାନ ଲାଗି ଛିନ୍ନବସ୍ତ୍ର ଛାଡ଼ି
ନବବସ୍ତ୍ର କରିଥାଏ ସେ ସ୍ୱଇଛାରେ ଧାରଣ
ତଦ୍ରୂପେ ଆତ୍ମା ଜନ୍ମ ଜନ୍ମାନ୍ତରେ ବଦଳାଏ ଘଟ
ପ୍ରଭୁ ଶ୍ରୀକୃଷ୍ଣ ଦେଖାଇଲେ ତାଙ୍କର ବିଶ୍ୱରୂପ
ଶଙ୍ଖ ଚକ୍ର ଗଦା ପଦ୍ମ ଧାରୀ ସେ ପରଂବ୍ରହ୍ମ ସ୍ୱୟଂ
ସେ ହିଁ ସୃଷ୍ଟି ସ୍ଥିତି ପ୍ରଳୟ କରି କରାନ୍ତି ସବୁକିଛି
ତାଙ୍କ ଇଙ୍ଗିତରେ ଚାଲୁଅଛି ବିଶ୍ୱ ବ୍ରହ୍ମାଣ୍ଡ
ସାଧୁ ସନ୍ଥଙ୍କୁ ତାରି ଦୁଷ୍ଟଙ୍କୁ କରିଥାନ୍ତି ସଂହାର
ଯୁଗେ ଯୁଗେ ଉଡ଼ାଇ ଆସିଛନ୍ତି ବିଜୟର ଧ୍ୱଜା
ଭକ୍ତି ଯୋଗରେ ଭକତ ହୁଏ ତାଙ୍କର ଶରଣାଗତ
ଜ୍ଞାନ ଯୋଗରେ ଅନୁଭବ କରେ ଦିବ୍ୟ ଶକ୍ତି
କର୍ମ ଯୋଗର କରିଥାଏ ତାର ଦାୟିତ୍ୱ ପାଳନ
କର୍ମ ବିନା କିଛି ବି କେବେ ହୁଏ ନାହିଁ ସମ୍ଭବ
ହୃଦୟଙ୍ଗମ କରି ନିଜ ଜ୍ଞାନ ଚକ୍ଷୁରେ ଦେଖ
ତୁମେ ବୀର କ୍ଷତ୍ରିୟ ଯୁଦ୍ଧ କରିବା ତୁମର ଧର୍ମ
ଭକ୍ତି ରଖି ହୃଦେ ଜ୍ଞାନରେ ଚିନ୍ତ ପରମାତ୍ମାଙ୍କୁ
ଆତ୍ମଜ୍ଞାନ ବ୍ରହ୍ମଜ୍ଞାନର କରି ପ୍ରାଞ୍ଜଳେ ବ୍ୟାଖ୍ୟା
ଶ୍ରୀମଦ୍ ଭାଗବତର ପରମ ଜ୍ଞାନତତ୍ତ୍ୱ ଦେଲେ ଶିକ୍ଷା
କହିଲେ ଏକାଗ୍ର ଚିତରେ ନେବାକୁ ତାଙ୍କର ଶରଣ
' ମୋ'ଠାରେ ସବୁ କରିଦିଅ ସଂପୂର୍ଣ୍ଣ ସମର୍ପଣ
ମୁଁ ତୁମକୁ ସବୁ ବାଧା ବିଘ୍ନ ପାପରୁ କରିବି ରକ୍ଷା
ଚିନ୍ତା କରନା ମୋକ୍ଷ ଲାଭ କରି ବୈକୁଣ୍ଠକୁ ଯିବ
ତୁମ ମନର ଯେତେ ସଂଶୟ ଦୂର କରି ଦିଅ '
ଉଠାଅ ତୁମର ଗାଣ୍ଡିବ କରି ଧର୍ମଯୁଦ୍ଧ ନାଶ ଅଧର୍ମକୁ
ବୀରର କର୍ତ୍ତବ୍ୟ ସୁଚାରୁ ରୂପେ କର ସମ୍ପାଦନା
ହେ ଅର୍ଜ୍ଜୁନ ! କର୍ମଯୋଗୀ ହୁଅ ଯୁଦ୍ଧ କର.... ।

*ପ୍ରତିଷ୍ଠାତା ଓ ମୁଖ୍ୟସମ୍ପାଦକ*
*ନବସୃଜନ ଇ-ପତ୍ରିକା*
*କୋହି,ବାରିପଦା,ମୟୂରଭଞ୍ଜ,*
*ଦୂରଭାଷ: ୮୦୧୮୩୫୩୩୨୨*

## ଅନର୍ଘ ଅନୁଭୂତି



ରତ୍ନକାନ୍ତି ମିଶ୍ର

ବସଷ୍ଟାଣ୍ଡ ରେ ଓହ୍ଲାଇ ମୁଁ ଅଟୋ ସନ୍ଧାନରେ ଥିବା ବେଳେ ପଛରୁ ବୋଉ କାହା ସହିତ କଥା ହେବାର ଶୁଭିଲା । ପଛକୁ ଫେରି ଚାହିଁଲି ।

- 'ମଉସା, ମନ୍ଦିର ଯିବ ?'

- 'ଯିବି ମାଆ ।'

- 'କେତେ ଟଙ୍କା ନେବ ?'

- '୧୦୦ ଟଙ୍କା ନିଏ ହେଲେ ତୁମେ ୯୦ ଦେବ ।ବସ ।'

- 'ମଉସା ନିଜେ ନିଜେ ପଇସା କମ୍ କରି ଦେଉଛ ?'

- 'ନାଁ ମାଆ, ଆଜି କାଲି ରିକ୍ସା କୁ କିଏ ପଚାରେ ଆଉ ସେଥିରେ ଏଇ ଯେଉଁ ବର୍ଷା...ରିକ୍ସା ପାଲ ଚିରିଯାଇଚି ତେଣୁ ବର୍ଷା ହେଲେ ବେପାର ବନ୍ଦ ଆଉ ଅତି କଷ୍ଟରେ ଦିନକୁ ଜଣେ ଅଧେ ଗରାଖ ମିଳିଲେ ପେଟ ପୁରୁଚି ନହେଲେ ନାଇଁ...!' ଅଂଟାରେ ଭିଡିଥିବା ଗାମୁଛା ଖୋଲି ସିଟ୍ କୁ ପୋଛୁ ପୋଛୁ କହିଲେ ବୃଦ୍ଧ ଜଣକ ।

ବୃଦ୍ଧଙ୍କ ଠାରୁ ଏସବୁ ଶୁଣି ମୋତେ ବି ଭାରି କଷ୍ଟ ଲାଗିଲା ।ବୋଉ ସହିତ ମୁଁ ଯାଇ ବସିଲି ରିକ୍ସାରେ ।ଲୋଚା କୋଚା ଚମ, ନହନହକା ହାତରେ ରିକ୍ସା ଟାଣୁଥିବା ବୃଦ୍ଧଙ୍କ ପ୍ରତି ସ୍ୱତଃ ଦୟା ଭାବ ଜାଗ୍ରତ ହେଲା ମୋ ଭିତରେ ।ମନେ ମନେ ଭାବିଲି ତାଙ୍କୁ କିଛି ବେଶୀ ଟଙ୍କା ଦେଇଦେବି ।

ରିକ୍ସା ଅଳ୍ପ ବାଟ ଗଡିଛି କି ନାହିଁ ଝିପ୍ ଝିପ୍ ବର୍ଷା ଆରମ୍ଭ ହୋଇଗଲା ।ବୃଦ୍ଧ ଜଣକ ରିକ୍ସା ସିଟ ତଳୁ ଗୋଟେ ଛତା ବାହାର କରି ମୋ ହାତରେ ଦେଇ କହିଲେ, 'ନେ ପୁଅ ଏ ବର୍ଷାରେ ଭିଜିଲେ ଦେହ ଖରାପ ହେବ' ।

ଛତାଟା ବି ଖୁବ୍ ପୁରୁଣା ଏବଂ ଠା ଠା ତାଳି ପକାହେଇ ସିଲେଇ ହୋଇଥିଲା ।

ବୃଦ୍ଧଙ୍କ ପୁରୁଣା ଦଦରା ରିକ୍ସା ଆଉ ଛତା ଦେଖି ନିର୍ମଳ କଳି ପାରୁଥିଲା ତାଙ୍କର ଜୀବନ ଧାରଣର ମାନ ।

- 'ମଉସା ଘରେ ଆଉ କିଏ କିଏ ଅଛନ୍ତି ।ପୁଅ ମାନେ କ'ଣ କରୁଛନ୍ତି ?' ବୃଦ୍ଧଙ୍କ ବିଷୟରେ ଅଧିକ କିଛି ଜାଣିବା ପାଇଁ ଏମିତି ପଚାରିଦେଲା ନିର୍ମଳ ।

- 'ବୁଢ଼ୀ ଏବେ ସେ ପାରିରେ । ବାର ମାସ ରେ ତେର ଓଷା ବ୍ରତ କରୁଥିଲା । କି ଜର ହେଲା କେଜାଣି ଭଲ ହେଲାନି । ଦିନେ ରାତି ରେ ତାତି କମିଲାନି । ଆମ୍ବୁଲାନ୍ସ ପାଇଁ କେତେ କାହାକୁ କହିଲି , ହେଲେ ଆମ ପରି ଗରିବ ଗୁରୁବାଙ୍କ ପାଇଁ ଆମ୍ବୁଲାନ୍ସ କାହିଁକି ଆସିବ ? ଏଇ ରିକ୍ସାରେ ତାକୁ ବସେଇ ଡାକ୍ତରଖାନା ଆଣିଲି । ହେଲେ ଅଧା ବାଟରେ ସେ ଆଖି ବୁଜିଲା....! ସେ ପୁଣ୍ୟବତୀ ଥିଲା । ସେଦିନ ଥିଲା ଏଇ କାର୍ତିକ ପୂର୍ଣ୍ଣିମା ।' ରିକ୍ସା ଟାଣୁଥିବା ଅବସ୍ଥାରେ ଧଇଁ ସଇଁ ହୋଇ ଏତିକି କହି ତୁନି ପଡିଲା କିଛି ସମୟ ।

-' ଏକା ଛାଡ଼ି ଚାଲିଗଲା । ପିଲା ଛୁଆ ନଥିଲେ ବୋଲି ଗାଁ ରେ କିଏ କେତେ କଥା କହୁଥିଲେ । ଗାଁ ଛାଡି ଏଠିକି ଚାଲି ଆସିଲୁ । ମୋତେ କହିଲା କାଳିଆ ବଳିଆ ଆମ ଦୁଇ ପୁଅ ଆଉ ସୁଭଦ୍ରା ଆମ ଝିଅ । ସକାଳୁ ଉଠି ବାଇଶି ପାହାଚ ନ ଚଢ଼ିଲେ ସେ ଜଳ ସ୍ପର୍ଶ କରେନି । ସେଥିପାଇଁ ବୋଧେ ସେ ଛଳିଆ ମାୟା କରି ଜଲଦି ନେଇଗଲା ବୁଢ଼ୀ କୁ ।' ଏସବୁ କଥା କହିଲା ଭିତରେ ବୃଦ୍ଧ ଙ୍କ କଣ୍ଠରୁ କୋହ ଉଠୁଥିଲା ବୋଲି ମନେହେଲା ।

ନିର୍ମଳ ର ଆଖି ପଡିଲା ବୋଉ ଉପରେ । ସେ କାନିରେ ଲୁହ ପୋଛୁଥିଲା ।

-' ସରକାରଙ୍କ ତରଫରୁ ଏବେ କ'ଣ କିଛି ଭତା ପାଉଛ କି ନାହିଁ ? କିମ୍ବା ଆଉ କିଛି ସୁବିଧା...??'

- 'ପୁଅ ଆମ ଗରିବ ଗୁରୁବାଙ୍କ ପାଇଁ ସେ ସବୁ ଆକାଶ କୁସୁମ । ଇଲେକ୍ସନ ହେଲେ ଖାଲି ଆମ ପାଖରେ ଠିଆ ହୋଇ ଫଟୋ ଉଠାନ୍ତି ନେତା ମାନେ ।ତାପରକୁ କାଶିଆ କିଏ ନା କପିଳା କିଏ ?' ଦୀର୍ଘଶ୍ୱାସ ପକେଇ ରିକ୍ସା ଟିକିଏ ଠିଆକଲେ ବୃଦ୍ଧ ।

ବ୍ୟାଗରୁ ବୋତଲ କାଢି ପାଣି ଟିକିଏ ପିଇଲା ।

-' ଗତ ଇଲେକ୍ସନରେ ପୁରୁଣା ଦଳକୁ ଭୋଟ ନଦେଇ ନୂଆ ଦଳକୁ ଭୋଟ ଦେଇଥିଲେ ଆମ ବସ୍ତି ଲୋକେ । ନୂଆ ସରକାର ଆସିଲା । ହେଲେ ଯେଉଁ ଘର ଦେବେ ବୋଲି କହି ଭୋଟ ନେଇଥିଲେ ତାର ଓଲଟା କାମ କଲେ । ଏଇ ଗତ ମାସ ବର୍ଷା ଦିନଟାରେ ଆମ ବସ୍ତି କୁ ମେସିନ ଲଗେଇ ଭାଙ୍ଗିଦେଲେ ।'

-' ତାହେଲେ ତୁମେ ଏବେ ରହୁଛ କେଉଁଠି ?'

-'ଏଇ ରିକ୍ସାରେ ଶୋଇପଡେ । ଏଇଠି ବୁଢ଼ୀ ମରିଛି, ଆଉ ଏଇଠି ମୁଁ ବି ଦିନେ ଆଖି ବୁଜିଦେବି ।'

- ଆଉ ବର୍ଷା ହେଲେ ? ତୁମ ରିକ୍ସା ର ପାଲ ତ ଫୁଟା' ପଚାରିଲା ବୋଉ ।

- ବଡ଼ ଦାଣ୍ଡରେ କଣ ମୁଣ୍ଡ ଗୁଞ୍ଜିବାକୁ ଜାଗା ଅଭାବ, ପୁଅ ?'

ବୃଦ୍ଧ ଙ୍କ କଥା ଶୁଣି ବୋଉ ଆଖିରୁ ଲୁହ ଏଥର ଧାର ହୋଇ ଗଡି ଯାଉଥିବାର ଦେଖିଲା ନିର୍ମଳ ।

ବୃଦ୍ଧ ବି ତାଙ୍କ ଗାମୁଛାରେ ମୁହଁ ପୋଛିଲେ ।ପ୍ରକୃତରେ ସେ କାନ୍ଦୁଥିଲେ ନା ସେ ବର୍ଷା ପାଣି ପୋଛୁଥିଲେ ବୁଝିବା ମୁସ୍କିଲ ଥିଲା ।

ରିକ୍ସା ଟାଣିବା ବନ୍ଦକରି ବୃଦ୍ଧ ପୁଣି ଟିକିଏ ପାଣି ପିଇଲେ ।

-' ମଉସା କ'ଣ କିଛି ଖାଇଛ କି ନାହିଁ ?'

-' ବାପା, ଏଇଟା ତୁମ ପାଖରୁ ବଇନି । ସକାଳ ପହରୁ ସେମିତି ବସିଥିଲି । ତମକୁ ଛାଡି କ'ଣ ଟିକିଏ ଖାଇବି ।'

ମନ୍ଦିର ପାଖେଇ ଆସିଲା । କଥାବାର୍ତା ର ବି ଶେଷ ହୋଇ ଆସିଲା ।

- ' ଶ୍ରୀମନ୍ଦିର ରେ ବାନା ଲଗେଇବା ବଦଳରେ ଆ'ଙ୍କ ରିକ୍ସା ରେ ପାଲ ଗୋଟେ ଲଗେଇଦେଲେ ହୁଅନ୍ତାନି !' ବୋଉ କଣ୍ଠରେ କରୁଣ ସ୍ୱର ।

- ' ହେଲେ ବୋଉ ତୋର ମାନସିକ ଥିଲା.....ଆଉ ଏବେ ମୋ ପାଖରେ ବେଶୀ ଟଙ୍କା ନାହିଁ ।'

-' ତୋ ବାପାଙ୍କ ଦେହ ଭଲ ନଥିଲା ବୋଲି ମାନସିକ କରିଥିଲି । ମୋ ମନ କହୁଛି ଏମିତି ଲୋକଙ୍କ ପାଇଁ କିଛି କରି ପାରିଲେ ଜଗନ୍ନାଥଙ୍କର ବେଶି ଆର୍ଶୀବାଦ ମିଳିବ ।'

-' ହେଲେ ତୋ ଜଗା ପାଇଁ ବାନା..?' ହସିକି ପଚାରିଲି ବୋଉ କୁ ।

- ' ଜଗାର ବଡଦେଉଳ ପାଇଁ ବାନା ନିଅ[ ନା ଭକ୍ତ ଅଭାବ !'

ରିକ୍ସାରୁ ଓହ୍ଲାଇ ନିର୍ମଳ ବୃଦ୍ଧଙ୍କ ହାତରେ ଗୁଞ୍ଜି ଦେଲା କିଛି ଟଙ୍କା ।

-' ଆରେ ବାପା ,ଯେ କଣ, ଏତେ ଗୁଡ଼ାଏ ଟଙ୍କା.....ବୁଢ଼ା ଲୋକ ମୁଁ, କାଳିଆ ଦୟା ରୁ ଦି ଓଳି ପେଟ କୁ ମିଳୁଛି ଆଉ କଣ ଦରକାର ମୋର ! ମୋ ବାପା ଟା ପରା ଏ ଟଙ୍କା ନେଇଯା ।'

-' କଣ ମଉସା ବୋଉକୁ ମାଆ ବୋଲି କହୁଛ ଆଉ ଭୁଲି ଯାଉଛ ବୋଉ ତୁମ ଝିଅ ବୋଲି । ସେ ଯାହା ଚାହୁଁଛି ସେଇ କାମ ମୁଁ ଯାହା କରୁଛି । ଶ୍ରଦ୍ଧାରେ ଯେତିକି ପାରିଛି ଦେଇଛି । ରଖ ।ଆଉ ଏ ରିକ୍ସାରେ ନୂଆ ପାଲ ଗୋଟେ ଲଗାଅ , ତୁମ ଗରାଖ ଆଉ ହରରାଣ ହେବେନି ଆଉ ତୁମେ ବି କେତେବେଳେ ବିଶ୍ରାମ ଟିକିଏ ନେଇ ପାରିବ ।'

ଜଗା ଦର୍ଶନ ସାରି ଫେରିବା ବେଳକୁ ବୋଉର ଆଗ ନଜର ପଡିଲା ସେଇ ବୃଦ୍ଧ ରିକ୍ସାବାଲା ଉପରେ । ମୋ ନଜର ପଡିଲା ବେଳକୁ ସେ ଆମରି ଆଡକୁ ଆସୁଛନ୍ତି ବୋଲି ଜାଣିଲି ।

-' ବଡ଼ ଠାକୁରଙ୍କ ଭଲରେ ଦର୍ଶନ କରି ଆସିଲ ତ ମାଆ ।ଚାଲ ବସଷ୍ଟାଣ୍ଡରେ ଛାଡ଼ିଦେବି । ମୋତେ ଋଣୀ କରିଦେଇଛ । କିଛିଟା ହେଲେ ଋଣ ମୁକ୍ତ ହୁଏ ।' ବୋଉ ଉଦ୍ଦେଶ୍ୟରେ କହିଲେ ସେ । ଋଣମୁକ୍ତ ହେବାକୁ ଦୀର୍ଘ ତିନିଘଂଟା ଧରି ଖରାରେ ଅପେକ୍ଷା କରି ଠିଆ ହୋଇଥିବା ବୃଦ୍ଧଙ୍କ ସ୍ୱାଭିମାନ କଥା ମୋ ଛାତିରେ ଗାର କାଟିଲା ଭଳି ରହିଥିବ ସବୁଦିନ ପାଇଁ ।

*ଆଳି, କେନ୍ଦ୍ରାପଡା*

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Sunday November 09 ଭୁବନେଶ୍ୱର ରବିବାର, ୦୯, ୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଅଷ୍ଟମ ବାର୍ଷିକ ରାଜ୍ୟ ସ୍ତରୀୟ ସାହିତ୍ୟ ଆସର ଓ ପ୍ରତିଭା ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ



କୋଣାର୍କ, (ପି ଏନ) : ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ କୋଣାର୍କ ଯାତ୍ରୀ ନିବାସ ସମ୍ମିଳନ କକ୍ଷ ଠାରେ କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ଅଷ୍ଟମ ବାର୍ଷିକ ରାଜ୍ୟ ସ୍ତରୀୟ ସାହିତ୍ୟ ଆସର, କୋଣାର୍କ ଓଡିଆ ଅସ୍ମିତାର ପ୍ରାଣକେନ୍ଦ୍ର ଆଲୋଚ୍ନା ଚକ୍ର, କବିତା ପାଠୋତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦର ସଭାପତି ପ୍ରଦୀପ କୁମାର ଛାଟୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଷ୍ଟମ ବାର୍ଷିକ ରାଜ୍ୟ ସ୍ତରୀୟ ସାହିତ୍ୟ ଆସର, କବିତା ପାଠୋତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଲେଖିକା ଶକୁନ୍ତଳା ବଳିଆରସିଂହ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାର ଶୁଭାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟ ଅତିଥି ଶ୍ରୀମତୀ ବଳିଆରସିଂହ କହିଲେ ଯେ ଭାରତୀୟ ପରମ୍ପରା ଓ ସଂସ୍କୃତି ଅର୍ଥରେ ଧନ ସମ୍ପତି ଗଣେ ନାହିଁ । ସୂର୍ଯ୍ୟ ମନ୍ଦିରରେ ମୂର୍ତି ମାନେ ଗୀତ ଗାଆନ୍ତି । ଉତ୍କଳୀୟ ଐତିହ୍ୟ ଓ ସଂସ୍କୃତିର ବାର୍ତାବହ ସୂର୍ଯ୍ୟ ମନ୍ଦିରର ଐତିହ୍ୟ ଓ କୀର୍ତିରାଜି ସଂରକ୍ଷଣ ରଖିବା ପାଇଁ ଭବିଷ୍ୟତ ପିଢି ଏକାଗ୍ର ଚ଼ିତରେ ନିରବଛିନ୍ନ ସାହିତ୍ୟ ଲେଖା ମାଧ୍ୟମରେ ସାମୁହିକ ପ୍ରଚେଷ୍ଟା ଜରୁରୀ ବୋଲି ମତ ବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ସୁଗଠକ ଓ କୃଷକ ନେତା ଅମିୟ କୁମାର ପଟ୍ଟନାୟକ, ପ୍ରାକ୍ତନ ପ୍ରାଧ୍ୟାପିକା ଓ ବିଶିଷ୍ଟ ଲେଖିକା କମଳ କୁମାରୀ ଦାଶ,ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ରକ୍ଷକ ନାୟକ, ବାନରସେନା ଶିଶୁ ପତ୍ରିକାର ସମ୍ପାଦକ ପ୍ରକାଶ ଚ଼ନ୍ଦ୍ର ଖଟୋଇ, ସତ୍ୟ ଖବର ସଂପାଦକ ଅକ୍ଷୟ କୁମାର ନାୟକ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷୟିତ୍ରୀ ଡଃ ସ୍ୱର୍ଣ୍ଣ ଲତା ତ୍ରିପାଠୀ, ବରିଷ୍ଠ ଶିକ୍ଷାବିତ ଓ କବି ମନମୋହନ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତିର ବିଭିନ୍ନ ଦିଗ ଓ ସୃଜନଶୀଳତା ସାହିତ୍ୟ ସୃଷ୍ଟି ଦିଗରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମାଜସେବୀ ରାମକୃଷ୍ଣ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ସଂପାଦକ ଭାଗୀରଥୀ ସ୍ୱାଇଁ ସଂପାଦକୀୟ ବିବରଣୀ ପାଠ, ଅତିଥି ପରିଚ଼ୟ ପ୍ରଦାନ, କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ପରେ ଅନୁଷ୍ଠାନ ପକ୍ଷରୁ କବିତା ପାଠୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଆଧାତ୍ମିକ ମୂଲ୍ୟବୋଧ ଆଧାରରେ ସାହିତ୍ୟିକ ମାନେ ଲେଖନୀ ଚ଼ାଳନା କରି ଏକ ଐତିହ୍ୟ ଓ ସଂସ୍କୃତି ଭିତିକ ପରମ୍ପରା ସୃଷ୍ଟି କରିବା ଦିଗରେ କାର୍ଯ୍ୟଧାରା ଅବ୍ୟାହତ ରଖିବା ପାଇଁ ବକ୍ତା ମାନେ ଆଲୋକପାତ କରିଥିଲେ । ଏହି ପରିପ୍ରେକ୍ଷୀରେ ଓଡ଼ିଶାର କୋଣ ଅନୁକୋଣରୁ ଆସିଥିବା ୧୦୦ରୁ ଉର୍ଦ୍ଧ୍ୱ କବି କବୟିତ୍ରୀ ଓ ଲେଖକ ଓ ଲେଖିକା ମାନେ ସ୍ୱରଚ଼ିତ କବିତା ପାଠ କରିଥିଲେ । ଏହି କବିତା ପାଠୋତ୍ସବ କାର୍ଯ୍ୟକ୍ରମରେ ଅତିଥି ଭାବରେ ବଲାଙ୍ଗୀରର ବିଶିଷ୍ଟ କବି ଗୋପିକୃଷ୍ଣ ପଣ୍ଡିଆ, ଡଃ ଲୋକନାଥ ଦଳ ବେହେରା, ବିଶିଷ୍ଟ କବି ନିଲମ କୁମାର ପରିଡା, ସୁଗଠକ ଓ ବିଶିଷ୍ଟ କବି ରମେଶ ଚ଼ନ୍ଦ୍ର ସ୍ୱାଇଁ ପ୍ରମୁଖ ଅତିଥି ଭାବରେ ଯୋଗଦାନ କରିଥିଲେ । ୩୦ଗୋଟି ଜିଲ୍ଲାରୁ ୧୦୦ରୁ ଉର୍ଦ୍ଧ୍ୱ କବି, କବୟିତ୍ରୀ, ସଂସ୍କୃତି ଗବେଷକ, ଲେଖକ ଓ ଲେଖିକା ମାନେ ଯୋଗଦାନ କରି ସ୍ୱରଚ଼ିତ କବିତାମାନ ପାଠ କରିଥିଲେ । ଏଏହି କାର୍ଯ୍ୟକ୍ରମରେ ଓଡିଶାର ବିଭିନ୍ନ ଜିଲ୍ଲାର ୨୭ ଜଣ ଉର୍ଦ୍ଧ୍ୱ କବି କବୟିତ୍ରୀ ମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ କୋଣାର୍କ ଭାଷା ସାହିତ୍ୟ ଓ ସଂସ୍କୃତି ବିକାଶ ପରିଷଦର ସଚ୍ଚିଦାନନ୍ଦ ଗୋଛାୟତ, ସୁକାନ୍ତ କୁମାର ବିଶ୍ୱାଳ, ଯୋଗଗୁରୁ ମହେଶ୍ୱର ସାମଲ, ଜ୍ଞାନ ରଞ୍ଜନ ବିଶ୍ୱାଳ ଓ ସଂଗଠନ ର କର୍ମକର୍ତା ମାନେ ପରିଚ଼ାଳନା କରିଥିଲେ ।

## ଭାରତୀୟ ହକିର ୧୦୦ ବର୍ଷ ପୂର୍ତି ଅବସରରେ ଜଗତସିଂହପୁର ଜିଲ୍ଲା ହକି ଆସୋସିଏସନ ପକ୍ଷରୁ ହକି ପ୍ରତିଯୋଗିତା ଆୟୋଜିତ



ପାରାଦୀପ,(ପି.ଏନ): ଓଡିଶା ସରକାର ଓ ଟାଟା ହକି ଦ୍ୱାରା ପରିଚ଼ାଳିତ ପାରାଦୀପ ପିପିଏଲ ର ଗ୍ରାସରୁଟ ହକି କେନ୍ଦ୍ର ଠାରେ ଜଗତସିଂହପୁର ଜିଲ୍ଲା ହକି ଆସୋସିଏସନ ପକ୍ଷରୁ ଜିଲ୍ଲାର ଚ଼ାରିଗୋଟି ହକି ଦଳକୁ ନେଇ ଏକ ହକି ପ୍ରତିଯୋଗିତା ଶୁକ୍ରବାର ଦିନ ଆୟୋଜିତ ହୋଇଯାଇଛି କ୍ଷ ଏହି ପ୍ରତିଯୋଗିତାର ଡିଏଭି ପିପିଏଲ ଦଳ ପାରାଦୀପ ଦଳକୁ ଶୁଟ ଆଉଟ୍ ମାଧ୍ୟମରେ ହରାଇ ଚ଼ମ୍ପିଅନ ଟ୍ରଫି ଗ୍ରହଣ କରିଥିଲେ । ଭାରତୀୟ ହକିର ଏହି ଶହେ ବର୍ଷ ପର୍ତି ଅବସରରେ ଅପରାହ୍ଣରେ ଭେଟେରାନ୍ ଏକାଦଶ ଓ ଡିଏଭି ଜାତୀୟ ଦଳ ମଧ୍ୟରେ ଏକ ଚ଼ିତାକର୍ଷକ ପ୍ରଦର୍ଶନୀ ମ୍ୟାଚ଼ ଅନୁଷ୍ଠିତ ହୋଇଥିଲା କ୍ଷ ଏଥିରେ ଡିଏଭି ଜାତୀୟ ଏକାଦଶ ବିଜୟଲାଭ କରି ଚ଼ମ୍ପିଅନ ହୋଇଥିଲେ । ଏହି ସମସ୍ତ ଖେଳର ଆୟୋଜନ ଜଗତସିଂହପୁର ଜିଲ୍ଲାର କ୍ରୀଡା ଅଧିକାରିଣୀ ଶ୍ରୀମତୀ ବିଶ୍ୱବିଜୟିନି ପଟ୍ଟନାୟକ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ହୋଇଥିଲା ଓ ଏହି ଖେଳକୁ ସୁମିତ ଲାକ୍ରା, ମେଞ୍ଜସ ଏକା ଓ ପ୍ରିୟଙ୍କା ରାଉତ ପରିଚ଼ାଳନା କରିଥିଲେ । ଡିଏଭି ପିପିଏଲ ସ୍କୁଲ ର ଅଧ୍ୟକ୍ଷ ସଂଜୀବ କୁମାର ସାହୁ ଚ଼ମ୍ପିଅନ ଦଳକୁ ପୁରସ୍କୃତ କରିଥିଲେ ଏବଂ କ୍ରୀଡ଼ା ଶିକ୍ଷକ ଶାଶ୍ୱତ କୁମାର ଭାରତୀୟ ଏହି କାର୍ଯ୍ୟକ୍ରମକୁ ପରିଚ଼ାଳନା କରିଥିଲେ । ଡିଏଭି ପିପିଏଲ ସ୍କୁଲ ର ବରିଷ୍ଠ ଶିକ୍ଷକ ବୃନ୍ଦାବନ ରାଉତ ମୂଖ୍ୟ ଅତିଥି ଭାବରେ ଯୋଗଦେଇ ଏହି କ୍ରୀଡ଼ାକୁ ଉଦଘାଟନ କରିଥିଲେ ।





## ପଣ୍ଡିତ ନେହେରୁଙ୍କ ଜୟନ୍ତୀରେ ରାଜ୍ୟସ୍ତରୀୟ ରକ୍ତଦାନ ଶିବିର ପାଇଁ ପ୍ରସ୍ତୁତି ବୈଠକ

ପାରାଦୀପ,(ପି.ଏନ): ପାରାଦୀପର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ପଣ୍ଡିତ ଜବାହାରଲାଲ ନେହେରୁ ଟ୍ରଷ୍ଟ ପକ୍ଷରୁ ଆସନ୍ତା ନଭେମ୍ବର ୧୪ ତାରିଖ ଦିନ ପଣ୍ଡିତ ନେହେରୁଙ୍କ ଜୟନ୍ତୀ ଅବସରରେ ଟ୍ରଷ୍ଟ ଦ୍ୱାରା ଆୟୋଜିତ ହେବାକୁ ଯାଉଛି ରାଜ୍ୟସ୍ତରୀୟ ରକ୍ତଦାନ ଶିବିର । ପାରାଦୀପ ନୂଆବଜାରସ୍ଥିତ ପୋର୍ଟ କ୍ଲବ୍ ପରିସରରେ ଏହି ରକ୍ତଦାନ ଶିବିର ଅନୁଷ୍ଠିତ ହେବାକୁ ଯାଉଛି ବୋଲି ସୂଚନା ଦେଇଛନ୍ତି ଟ୍ରଷ୍ଟର ଅଧ୍ୟକ୍ଷ ସରୋଜ କୁମାର ପ୍ରଧାନ । ଟ୍ରଷ୍ଟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀ ପ୍ରଧାନ କହିଛନ୍ତି ରକ୍ତଦାନ ଶିବିରକୁ ସଫଳ କରିବା ପାଇଁ ଆମେ ଜୋରଦାର ପ୍ରସ୍ତୁତି ଚଲାଇଛୁ । ପଣ୍ଡିତ ନେହେରୁ ହେଉଛନ୍ତି ପାରାଦୀପ ବନ୍ଦରର ପ୍ରତିଷ୍ଠାତା । ତାଙ୍କୁ ସମ୍ମାନ ଜଣାଇବା ପାଇଁ ଏହା ହେଉଛି ଆମର ପ୍ରୟାସ ବୋଲି ଟ୍ରଷ୍ଟର ଉପଦେଷ୍ଟା କେଦାର ବିଶ୍ୱାଳ କହିଛନ୍ତି । ପାରାଦୀପ ଅଂଚଳ ସମେତ ଆଖପାଖ ଅଂଚଳରୁ ବହୁ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ଏହି ଶିବିରରେ ଯୋଗ ଦେଇ ଏହାକୁ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ । ଏହି ପ୍ରସ୍ତୁତି ବୈଠକରେ ତ୍ରିନାଥ ମହାନ୍ତି, ଦେବୀ ପସନ୍ନ ସାମନ୍ତରାୟ, ବିନତୀ ପଢିହାରୀ, ଧ୍ରୁବ ଚରଣ ମହାପାତ୍ର, ପୁଷ୍ପା ଦାସ, ପ୍ରେମଲତା ବାରିକ, ଧରିତ୍ରୀ ସାମଲ ପ୍ରମୁକ ଟ୍ରଷ୍ଟର ସଦସ୍ୟ ତଥା କର୍ମକର୍ତାମାନେ ଯୋଗ ଦେଇ ପଣ୍ଡିତ ନେହେରୁଙ୍କ ଜୟନ୍ତୀ ଅବସରରେ ଟ୍ରଷ୍ଟ ଦ୍ୱାରା ଆୟୋଜିତ ହେବାକୁ ଯାଉଥିବା ରାଜ୍ୟସ୍ତରୀୟ ରକ୍ତଦାନ ଶିବିରକୁ ସଫଳ କରିବାକୁ ନିବେଦନ କରିଥିଲେ ।

### ମାତୃ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ

ବାସୁଦେବପୁର,(ପି.ଏନ): ଭଦ୍ରକ ଜିଲ୍ଲା ବାସୁଦେବପୁର ପୌର ପରିଷଦ ଅନ୍ତର୍ଗତ ସ୍ଥାନୀୟ ରାମକୃଷ୍ଣ ବିଦ୍ୟା ନିକେତନ ରେ ମାତୃ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇ ଯାଇଛି । ପ୍ରଧାନ ଆଚ଼ାର୍ଯ୍ୟ ଧୀରେନ୍ଦ୍ର ବାରିକ୍ ଙ୍କ ସଂଯୋଜନା ରେ ଆୟୋଜିତ କାର୍ଯ୍ୟ କ୍ରମ ରେ ମୂଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ବିଜୟ କୁମାର ଅଗସ୍ତି ଯୋଗ ଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବେ ପୂର୍ବତନ ସି ଆର ସି ସି ମନୋଜ କୁମାର ଦିକ୍ଷୀତ ଓ ସମ୍ମାନୀତ ଅତିଥି ଭାବେ ସଂଗ୍ର ।ହକ ଓ କବି ବିକାଶ ଶତପଥି ଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦ୍ ଘାଟନ କରିଥିଲେ । ଏହି ଅବସର ରେ ଅତିଥି ମାନେ ମା ମାନଙ୍କୁ ପିଲା ମାନଙ୍କ ଉତମ ଭବିଷ୍ୟତ ଗଠନ ପାଇଁ ଉତମ ପରାମର୍ଶ ଦେଇଥିଲେ ।ବିଦ୍ୟାଳୟ ପକ୍ଷ ରୁ ମା ମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି ।

## ଜାତୀୟ ରାଜପଥ ନିର୍ମାଣରେ ଜିପସମ ବ୍ୟବହାରକୁ ନେଇ ମାନବିକ ଅଧିକାର କମିଶନଙ୍କ ଦ୍ୱାରସ୍ଥ ହେଲେ ସମାଜସେବୀ



ପାରାଦ୍ୱୀପ,(ପି.ଏନ): ପାରାଦ୍ୱୀପ ଜାତୀୟ ରାଜପଥ ନିର୍ମାଣରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହେବାରେ ଲାଗିଛି । କୁଜଙ୍ଗ ତହସିଲ ଅଂଚଳ ଅଧୀନସ୍ଥ ୨୯ମୌଜା ଅଂଚଳରେ ପ୍ରବାହିତ ସାହେରପେଣ୍ଠ ମସ୍ଚ୍ୟାଡିଆର ଅଂଶବିଶେଷ ଉଦୟବଟ ମୌଜା ନଦୀସ୍ୱତ୍ୱ ଉପରେ ନଦୀଜଳ ସହିତ ଭୂତଳଜଳ ନଷ୍ଟକାରୀ ବିଷାକ୍ତ ପଦାର୍ଥ ଜିପସମ ଦ୍ୱାରା ଜଳପଥକୁ ପୋତେଇ କାର୍ଯ୍ୟ ଚାଲୁଅଛି । ଏଭଳି ବେଆଇନି କାର୍ଯ୍ୟକୁ ନିନ୍ଦା କରିବା ସହିତ ଦୃଢ କାର୍ଯ୍ୟାନୁଷ୍ଠାନ ନିମିତ ପରିବେଶବିତ ସମାଜସେବୀ ସୁଶାନ୍ତ ଶେଖର ସ୍ୱାଇଁ ମାନବିକ ଅଧିକାର କମିଶନରଙ୍କ ନିକଟରେ ଆବେଦନ କରିଥିଲେ । ମାନ୍ୟବର କମିଶନର ଉକ୍ତ ସମ୍ବେଦନଶୀଳ ବିଷୟକୁ ବିଚ଼ାରକୁ ନେଇ ଗତ ତା ୦୩-୧୧-୨୫ରିଖରେ କେସ ନଂ ୪୦୪୮/୨୦୨୫ରେ ଜିଲ୍ଲାପାଳ, ଜଗତସିଂହପୁର ଠାରୁ ସ୍ପଷ୍ଟୀକରଣ ପାଇଁ ଆଦେଶନାମ ଜାରି କରିଛନ୍ତି ।

## ଭାରତରେ ଏଡବ୍ଲ୍ୟୁଏସ ମାର୍କେଟପ୍ଲେସର ବିସ୍ତାର କରିଛି ଏଡବ୍ଲ୍ୟୁଏସ

ଭୁବନେଶ୍ୱର,(ପି.ଏନ) : ଆମାଜନ ୱେବ ସର୍ଭିସେସ (ଏଡବ୍ଲ୍ୟୁଏସ) ପକ୍ଷରୁ ଭାରତରେ ଏଡବ୍ଲ୍ୟୁଏସ ମାର୍କେଟପ୍ଲେସର ସମ୍ପ୍ରସାରଣ ସମ୍ପର୍କରେ ଘୋଷଣା କରାଯାଇଛି । ଏହି ସମ୍ପ୍ରସାରଣ ସହିତ ଭାରତରେ ଅବସ୍ଥିତ ଏଡବ୍ଲ୍ୟୁଏସ ମାର୍କେଟପ୍ଲେସର ଗ୍ରାହକମାନେ ଏବେ ଟଙ୍କା (ଆଇଏନଆର)ରେ ଭାରତ-ଆଧାରିତ ସଫ୍ଟୱେୟାର ଓ ସର୍ଭିସ କମ୍ପାନୀଗୁଡିକରୁ ଉତ୍ପାଦ କ୍ରୟ କରିପାରିବେ । ଏହି ଶୁଭାରମ୍ଭ ସହିତ ଗ୍ରାହକମାନେ ସେମାନଙ୍କର ଏଡବ୍ଲ୍ୟୁଏସ ମାର୍କେଟପ୍ଲେସ କ୍ରୟଗୁଡିକ ପାଇଁ ସ୍ଥାନୀୟ ଇନ୍‌ଭଏସିଂ ଓ ସ୍ଥାନୀୟ ପେମେଂଟ ବିକଳ୍ପଗୁଡିକରୁ ଉପକୃତ ହେବେ । ଇଣ୍ଡିପେଣ୍ଡେଂଟ ସଫ୍ଟୱେୟାର ଭେଣ୍ଡର୍ସ (ଆଇଏସଭି) ଓ କନ୍‌ସଲ୍ଟିଙ୍ଗ ପାର୍ଟନର୍ସ ସମେତ ଭାରତ-ଆଧାରିତ ସେଲରମାନେ ଏବେ ନିଜର ସଫ୍ଟୱେୟାର ଓ ସର୍ଭିସଗୁଡିକୁ ସରଳ ଟିକସ ଅନୁପାଳନ ସହିତ ଭାରତୀୟ ମୁଦ୍ରା (ଆଇଏନଆର)ରେ ତାଲିକାଭୁକ୍ତ ଓ ବିକ୍ରି କରିପାରିବେ । ଏଡବ୍ଲ୍ୟୁଏସ ମାର୍କେଟପ୍ଲେସରେ ସିକ୍ୟୁରିଟି, ଏଜେଂଟିକ ଏଆଇ ଓ ଟୁଲ୍ସ, ଡେଭ୍ଓପିଏସ, ଡାଟା ଆଣ୍ଡ ଆନାଲିଟିକ୍ସ ସମେତ ୭୦ରୁ ଅଧିକ ସଫ୍ଟୱେୟାର ବର୍ଗରେ ବିଶ୍ୱବ୍ୟାପୀ ୩୦,୦୦୦ରୁ ଅଧିକ ଟ୍ରାନ୍ସେକ୍ଟେବୁଲ ଲିଷ୍ଟିଙ୍ଗ ରହିଛି । ଗ୍ରାହକମାନେ ଏବେ ସିସ୍‌କୋ, କ୍ରାଉଡଷ୍ଟ୍ରାଇକ, ଡିଲଏଟ, ଇମୁଦ୍ରା, ଫ୍ରେଶୱର୍କସ, ଗପସପ୍ ଡଟ ଏଆଇ, ଆଇବିଏମ, କୋର ଡଟ ଏଆଇ, ପାଲୋ ଅଲ୍‌ଟୋ ନେଟ୍‌ୱର୍କସ, ରେଡିଙ୍ଗଟନ, ସେଲ୍‌ସଫୋର୍ସ, ସରଭମ୍, ସୋନାଟା ସଫ୍ଟୱେୟାର ଓ ଭିଡିଓସିଏକ୍ସ ଡଟ୍ ଆଇଓ ଭଳି ସେଲରଙ୍କଠାରୁ ଭାରତୀୟ ମୁଦ୍ରାରେ ସଫ୍ଟୱେୟାର କ୍ରୟ କରିପାରିବେ, ଯାହା ଗ୍ରାହକଙ୍କୁ ବିଦ୍ୟମାନ ସମ୍ପର୍କ, ବିଶେଷଜ୍ଞତା ଓ ସହଯୋଗରୁ ଲାଭାନ୍ୱିତ ହେବା ପାଇଁ ଅନୁମତି ଦେଉଛି । ଏସମ୍ପର୍କରେ ଏଡବ୍ଲ୍ୟୁଏସର ଗ୍ଲୋବାଲ ସ୍ପେଶାଲିଷ୍ଟ ଆଣ୍ଡ ପାର୍ଟନର୍ସ ବିଭାଗର ଭିପି ରୁବା ବର୍ନୋ କହିଛନ୍ତି, 'ଭାରତରେ ଏଡବ୍ଲ୍ୟୁଏସ ମାର୍କେଟପ୍ଲେସ ସ୍ଥାନୀୟ ମୁଦ୍ରା ଟ୍ରାଞ୍ଜନ, ସରଳ ଟିକସ ଅନୁପାଳନ ଏବଂ ଶୃଙ୍ଖଳିତ କ୍ରୟ କାର୍ଯ୍ୟପ୍ରଣାଳୀକୁ ସକ୍ଷମ କରି ପାରମ୍ପରିକ କ୍ରୟ ସମସ୍ୟାକୁ ଦୂର କରିଥାଏ - ଯାହା ଭାରତୀୟ ଗ୍ରାହକଙ୍କୁ ଅତ୍ୟାଧୁନିକ ଟେକ୍ନୋଲୋଜିଗୁଡିକ ପାଇଁ ଦୃତ ପହଂଚ ଏବଂ ଭାରତୀୟ ସେଲରମାନଙ୍କୁ ନିଜର ସମାଧାନଗୁଡିକୁ ବିସ୍ତାର କରିବା ଏବଂ ସ୍ଥାନୀୟ ଉଦ୍ଭାବନ ଓ ଉଦ୍ୟୋଗ ଚାହିଦା ମଧ୍ୟରେ ସଂଯୋଗ ସ୍ଥାପନ କରିବା ପାଇଁ ଏକ ପ୍ରମାଣିତ ମାର୍ଗ ପ୍ରଦାନ କରୁଛି ।'ଏଡବ୍ଲ୍ୟୁଏସ ଇଣ୍ଡିଆ ଓ ସାଉଥ ଏସିଆର ପାର୍ଟନର୍ ବିଜ୍‌ନେସ୍ ବିଭାଗର ମୁଖ୍ୟ ପ୍ରବୀଣ ଶ୍ରୀଧର କହିଛନ୍ତି, ' ଭାରତରେ ଏଡବ୍ଲ୍ୟୁଏସ ମାର୍କେଟପ୍ଲେସର ସମ୍ପ୍ରସାରଣ ଭାରତୀୟ ଆଇଏସଭି, ସିଷ୍ଟମ ଇଂଟିଗ୍ରେଟର ଓ ଚ୍ୟାନେଲ ପାର୍ଟନରଙ୍କୁ ନିଜର ପହଂଚ ବିସ୍ତାର କରିବା ଏବଂ ଦକ୍ଷତାର ସହ ସମ୍ପ୍ରସାରିତ ହେବା ପାଇଁ ସକ୍ଷମ କରିବା ସହ ସମସ୍ତ ଅଂଶଗ୍ରହଣକାରୀଙ୍କ ପାଇଁ ଅନୁପାଳନକୁ ସୁଗମ କରିଥାଏ ।' ଟାଟା କନ୍‌ସଲ୍‌ଟାନ୍ସି ସର୍ଭିସେସର ଗ୍ରୋଥ ମାର୍କେଟ୍‌ସ ବିଭାଗର ଅଧ୍ୟକ୍ଷ ଗିରିଶ ରାମଚନ୍ଦ୍ରନ କହିଛନ୍ତି, 'ଜଣେ ଲଂଚ୍ ପାର୍ଟନର ଭାବେ ଆମେ ଆମର ଗ୍ରାହକଙ୍କୁ ଉନ୍ନତ ସ୍ଥିରତା, ଦୃତ ଉଦ୍ଭାବନ ଓ ଅତ୍ୟାଧୁନିକ ସମାଧାନଗୁଡିକ ପାଇଁ ପହଂଚ ପ୍ରଦାନ କରି ଏବଂ ଆମର ନିଜସ୍ୱ କ୍ଲାଉଡ ଉତ୍ପାଦଗୁଡିକୁ ଉନ୍ନତ କରି ଏଡବ୍ଲ୍ୟୁଏସ ମାର୍କେଟପ୍ଲେସର ଉପଯୋଗ କରିବା ପାଇଁ ଅପେକ୍ଷା କରିଛୁ ।' ସେହିଭଳି ସେଲସ୍‌ଫୋର୍ସ, ସାଉଥ ଏସିଆ, ଅଧ୍ୟକ୍ଷ ଓ ସିଇଓ ଅରୁନ୍ଧତୀ ଭଟ୍ଟାଚାର୍ଯ୍ୟ କହିଛନ୍ତି, 'ଏହି ସମ୍ପ୍ରସାରଣ ଭାରତୀୟ ଗ୍ରାହକମାନଙ୍କୁ ଆଇଏନଆରରେ ସ୍ଥାନୀୟ କରେନ୍ସି ଟ୍ରାଞ୍ଜନ ଓ ସରଳ ଟିକସ ଅନୁପାଳନ ସହିତ ଆମର ଏଆଇ-ପରିଚାଳିତ ସିଆରଏମ ସଲ୍ୟୁଶନ୍ସଗୁଡିକୁ ଉପଯୋଗ କରିବା ପାଇଁ ସଶକ୍ତ କରିବ ।' 'ସର୍ଭମର ସହପ୍ରତିଷ୍ଠାତା ପ୍ରତ୍ୟୁଷ କୁମାର କହିଛନ୍ତି, 'ଏହି ସହଭାଗିତା ଭାରତର ସୋଭରେନ ଏଆଇ ଷ୍ଟାକ୍ ନିର୍ମାଣ କରିବା ପାଇଁ ଆମର ମିଶନକୁ ସୁଦୃଢ଼ କରିଛି- ଯାହା ଭାରତବ୍ୟାପୀ ଉଦ୍ୟୋଗ ଓ ସରକାରଗୁଡିକ ପାଇଁ ଜନସଂଖ୍ୟା ଆଧାରିତ ଭାରତ-ପ୍ରଥମ ଜେନ୍‌ଏଆଇ ସଲ୍ୟୁଶନ ଆଣିବ ।'

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray